ବର୍ଷ-୨୪, ସଂଖ୍ୟା-୧୫୦
ଭୁବନେଶ୍ୱର
୨୭ ଜୁନ, ୨୦୨ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 150
Bhubaneswar
27 June, 2024, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

ଆଜି
ସେମି
ଫାଇନାଲ



## ବାଚସ୍ପତି ନିର୍ବାଚନରେ ବାଜି ମାରିଲେ ଓମ୍ ବିର୍ଲା



ନୂଆଦିଲ୍ଲୀ, ୨୬।୬(ମହାଭାରତ): ପୁଣି ଲୋକସଭା ବାଚସ୍ପତି ହେଲେ ଓମ୍ ବିର୍ଲା। ୧୮ଦଶ ଲୋକସଭାର ବାଚସ୍ପତି ନିର୍ବାଚନରେ ବାଜି ମାରିଲେ ଓମ୍ ବିର୍ଲା। ସେ ଦ୍ୱିତୀୟ ଥର ପାଇଁ ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ଧ୍ୱନୀ ମତରେ ଏହି ନିଷ୍ପତ୍ତି ନିଆଯାଇଛି। ବାଚନିକ ଭୋଟରେ ବିରୋଧୀ ମେଣ୍ଟ ପ୍ରାର୍ଥୀ କେ. ସୁରେଶଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି। ସେ ଦ୍ୱିତୀୟ ଥର ପାଇଁ ବାଚସ୍ପତି ପଦ ସମ୍ଭାଳିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଓମ୍ ବିର୍ଲାଙ୍କୁ ନିଜ ଆସନ ଯାଏ ନେଇ ଦାୟିତ୍ୱ ଗ୍ରହଣ କରାଇଛନ୍ତି।

ଆଜି ଲୋକସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ଏନଡିଏର ବାଚସ୍ପତି ପ୍ରାର୍ଥୀ ଭାବେ ଓମ୍ ବିର୍ଲାଙ୍କ ନାଁ ପ୍ରସ୍ତାବ ରଖିଥିଲେ ପ୍ରଧାନମନ୍ତ୍ରୀ ମୋଦି। ଯାହାକୁ ଏନଡିଏରେ ଥିବା ସହଯୋଗୀ ଦଳ ସମର୍ଥନ କରିଥିଲେ। ସେହିଭଳି ଇଣ୍ଡିଆ ମେଣ୍ଟ ପକ୍ଷରୁ କେ.ସୁରେଶଙ୍କ ନାଁ ବାଚସ୍ପତି ପ୍ରାର୍ଥୀ ଭାବେ ପ୍ରସ୍ତାବ ରଖାଯାଇଥିଲା। ଯାହାକୁ ଇଣ୍ଡିଆ ମେଣ୍ଟରେ ଥିବା ଦଳ ଗୁଡିକ ସମର୍ଥନ ଜଣାଇଥିଲେ। ତେଣୁ କାମଚଲା ବାଚସ୍ପତି ଭର୍ତ୍ତୃହରି ମହତାବ ଧ୍ୱନିମତ ସଂଗ୍ରହ କରିଥିଲେ। ଏହାପରେ ବାଚନିକ ଭୋଟରେ ଓମ୍ ବିର୍ଲା ବିଜୟୀ ହୋଇଥିବା ଘୋଷଣା କରିଥିଲେ କାମଚଲା ବାଚସ୍ପତି ଭର୍ତ୍ତୃହରି ମହତାବ।

ଓମ୍ ବିର୍ଲା ଦ୍ୱିତୀୟ ଥର ପାଇଁ ବାଚସ୍ପତି ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, 'ମୋର ବିଶ୍ୱାସ ଯେ, ଆପଣ ଆଗାମୀ ୫ ବର୍ଷ ପାଇଁ ଆମ ସମସ୍ତଙ୍କର ମାର୍ଗଦର୍ଶନ କରିବେ। ଆପଣଙ୍କ ମଧୁର ହସ ଆମ ସମସ୍ତଙ୍କୁ ଖୁସି କରୁଛି। ଦ୍ୱିତୀୟ ଥର ପାଇଁ ବାଚସ୍ପତି ଦାୟିତ୍ୱ ମିଳିବାରେ ନୂଆ। ରେକର୍ଡ ସୃଷ୍ଟି ହୋଇଛି। ବଳରାମ ଜାଖର ଜୀ ତାଙ୍କର ପାଞ୍ଚ ବର୍ଷ କାର୍ଯ୍ୟ ସମାପ୍ତ କରିବା ପରେ ତାଙ୍କୁ ପୁଣିଥରେ ବାଚସ୍ପତିଙ୍କ ଦାୟିତ୍ୱ ମିଳିଥିଲା। ତାଙ୍କ ପରେ ଆପଣ ହିଁ ଏହି ସୁଯୋଗ ପାଇଛନ୍ତି। ଆପଣ ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି। ସ୍ୱାଧୀନତାର ୭୦ ବର୍ଷ ଭିତରେ ଯାହା ହୋଇ ନଥିଲା ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ସେସବୁ ସମ୍ଭବ ହୋଇପାରିଛି। ଗଣମନ୍ତ୍ରର ଲମ୍ବା ଯାତ୍ରାରେ ଏକାଧିକ ମାଇଲଷ୍ଟୋନ ହୋଇଛି।'

ସେହିପରି ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ମଧ୍ୟ ଓମ୍ ବିର୍ଲାଙ୍କୁ ପୁଣି ଥରେ ବାଚସ୍ପତି ହୋଇଥିବା ନେଇ ଶୁଭେଚ୍ଛା ଜଣାଇଛନ୍ତି। ଦେଶ ଇତିହାସରେ ଚତୁର୍ଥ ଥର ବାଚସ୍ପତି ନିର୍ବାଚନ ହୋଇଥିଲା। ପୂର୍ବରୁ ୧୯୫୨, ୧୯୬୭ ଓ ୧୯୭୬ରେ ନିର୍ବାଚନ ହୋଇଥିଲା। ଦୀର୍ଘ ଦଶନ୍ଧି ପରେ ପୁଣି ଥରେ ବାଚସ୍ପତି ନିର୍ବାଚନ ହୋଇଥିଲା। ଆସନ୍ତାକାଲି ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ବରିଷ୍ଠ ସାଂସଦ ଓମ୍ ବିର୍ଲା। ରାଜସ୍ଥାନ କୋଟାରୁ ସାଂସଦ ଅଛନ୍ତି। ଲଗାତାର ତିନି ଥର ନିର୍ବାଚନ ଜିତି ଆସିଛନ୍ତି ଲୋକସଭା। ୨୦୧୪ରେ ପ୍ରଥମ ଥର ସାଂସଦ ହୋଇଥିଲେ। ୨୦୧୯ରେ ସପ୍ତଦଶ ଲୋକସଭାର ସେ ଥିଲେ ବାଚସ୍ପତି। ଚଳିତ ନିର୍ବାଚନରେ ପୁଣି ଥରେ କୋଟାରୁ ନିର୍ବାଚନ ଜିତିଛନ୍ତି ଓମ୍ ବିର୍ଲା। ଗତ ୨୦ ବର୍ଷ ଭିତରେ ବାଚସ୍ପତି ହେବା ପରେ ସାଂସଦ ଭାବେ ନିର୍ବାଚିତ ହେବାରେ ସେ ହେଉଛନ୍ତି ପ୍ରଥମ।

୨୦୦୩ରୁ ୨୦୧୪ ଯାଏ ରାଜସ୍ଥାନ ବିଧାନସଭାର ବିଧାୟକ ଥିଲେ। କୋଟା ଉତ୍ତର ବିଧାନସଭା ସିଟରୁ ତିନି ଥର ଜିତିଥିଲେ ନିର୍ବାଚନ। ରାଜସ୍ଥାନରେ ୨୦୦୩, ୨୦୦୮ ଓ ୨୦୧୩ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲେ ଓମ୍ ବିର୍ଲା। ୨୦୧୪ରେ କୋଟାରୁ ସାଂସଦ ଭାବରେ ଜିତି ଆସୁଛନ୍ତି।

## ଅସରାଏ ବର୍ଷାରେ ବେହାଲ୍ ରାଜଧାନୀ

### ରାସ୍ତାରେ ଲହଡି ମାରୁଛି ପାଣି



ଭୁବନେଶ୍ୱର, ୨୬।୬(ମହାଭାରତ): ଅସରାଏ ବର୍ଷାରେ ବେହାଲ୍ ହୋଇଛି ରାଜଧାନୀ ଭୁବନେଶ୍ୱର। ବର୍ଷା ପାଣି ଡ୍ରେନ୍ରେ ପାସ୍ କରିନପାରିବାରୁ ରାସ୍ତାରେ ଲହଡି ମାରୁଛି। ସେପଟେ ୧୬ ନମ୍ବର ଜାତୀୟ ରାଜପଥର ଇସ୍କନ୍ ସମ୍ମୁଖର ଅବସ୍ଥା କଥା ନକହିବା ଭଲ। ଏଠି ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଛି। ଯେଉଁଥିପାଇଁ ଗାଡ଼ି ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଛି।

ଆଜି ସକାଳେ ପ୍ରବଳ ଗୁଳୁଗୁଳି ହେଉଥିଲା। ଜୀବନ ଯାତ୍ରା ପ୍ରଭାବିତ ହେଉଥିଲା। ଅପରାହ୍ନରେ ହଠାତ୍ ରାଜଧାନୀ ଭୁବନେଶ୍ୱର ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ। ମେଘ। ପ୍ରଥମେ ଘଡ଼ଘଡ଼ି ମାରିଥିଲା। ତା'ପରେ ପ୍ରବଳ ବର୍ଷି ଥିଲା। ରାଜଧାନୀର ଅଧିକାଂଶ ସ୍ଥାନରେ ବର୍ଷାର କୋପ ଦେଖିବାକୁ ମିଳିଥିଲା। ପଟିଆ, ଚନ୍ଦ୍ରଶେଖର, କଳାରାହାଙ୍ଗ, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର, ଆଇଆର୍ସି ଭିଲେଜ, ବମିଖାଲ୍, ଓଲଡ୍ ଟାଉନ୍ ପ୍ରମୁଖ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ପ୍ରାୟ ୧୦ ମିଲିମିଟର ବର୍ଷା ହୋଇଥିବା ଅନୁମାନ କରାଯାଉଛି।

ବର୍ଷା ଯୋଗୁ ରାଜଧାନୀର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ପାଣି ଡ୍ରେନ୍ରେ ନିଷ୍କାସିତ ହୋଇପାରୁନଥିବାରୁ ରାସ୍ତାରେ ପ୍ରବାହିତ ହେଉଛି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଇସ୍କନ ସମ୍ମୁଖରେ ରାସ୍ତାର ଅବସ୍ଥା ବେହାଲ ହୋଇଛି। ଏହି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଛି। ଯାହାଫଳରେ ଯିବାଆସିବା ଠପ୍ ହୋଇଯାଇଛି। କାର ଗୁଡ଼ିକ ବୁଡି ଯାଇଛି। ବସ୍ ଗୁଡ଼ିକ ମଝି ରାସ୍ତାରେ ଅଟକି ରହିଛି। ଇସ୍କନ ସମ୍ମୁଖ ପରି ରସୁଲଗଡ଼ରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ରାସ୍ତାରେ ପ୍ରବଳ ବେଗରେ ପାଣି ପ୍ରବାହିତ ହେଉଛି। ବର୍ଷା ହେଲେ ବାରମ୍ବାର ଏମିତି ହେଉଥିବାରୁ ରାଜଧାନୀବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ୪ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୨୬।୬(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ନେଇ ପୁଲିସ କମିସନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁଲାଇ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ପୁରୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେ ୬ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ। ସେହି ଦିନ ସନ୍ଧ୍ୟାରେ ଜୟଦେବ ଭବନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ପୁରୀ ଯିବାର କାର୍ଯ୍ୟକ୍ରମ ରହିଛି। ରଥଯାତ୍ରାରେ ଯୋଗଦେବା ସହ ପୁରୀ ରାଜଭବନରେ ରାତ୍ରିଯାପନ କରିବେ ସେ।

ଏଣେ ୮ ତାରିଖରେ ଖଣ୍ଡଗିରି, ଉଦୟଗିରି ବୁଲିବା ସହ ଅନ୍ଧାରୁଆରେ ବ୍ରହ୍ମକୁମାରୀ କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି। ତେଣେ ୯ ତାରିଖରେ ଜଟଣୀ ନାଇଜରରେ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବ୍ଲୁକ ବୁକ ଅନୁସାରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଉଥିବା ନେଇ ପୋଲିସ କମିସନର ସୂଚନା ଦେଇଛନ୍ତି। ରୁଟ ଲାଇନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି ପୁଲିସ କମିସନର।

## ସୋମବାରରୁ ଜନଶୁଣାଣି

ଭୁବନେଶ୍ୱର, ୨୬।୬(ମହାଭାରତ): ଆସନ୍ତା ଜୁଲାଇ ପହିଲାରୁ ପ୍ରତ୍ୟେକ ସୋମବାର ଜନ ଅଭିଯୋଗର ଶୁଣାଣି ଆରମ୍ଭ ହେବ। ସମସ୍ତ ବିଭାଗ ଓ ବିଭାଗୀୟ ମୁଖ୍ୟଙ୍କ ସମେତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ପୁଲିସ ଏସପିଙ୍କ ଦ୍ୱାରା ମିଳିତ ଜନଅଭିଯୋଗର ଶୁଣାଣି ହେବ। ପ୍ରତ୍ୟେକ ଅଭିଯୋଗକୁ ରାଜ୍ୟ ସରକାରଙ୍କ ଜନଶୁଣାଣି ପୋର୍ଟାଲରେ ପଞ୍ଜିକୃତ କରିବାକୁ କୁହାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦିଲ୍ଲୀ ଗସ୍ତରେ ଯିବା ପୂର୍ବରୁ ଏହି ନିର୍ଦ୍ଦେଶ ଦେଇଛନ୍ତି ଏହି ସାଧାରଣ ନିର୍ବାଚନ ଯୋଗୁ ଜିଲ୍ଲା ଓ ବିଭାଗସ୍ତରରେ ଏହି ଜନ ଅଭିଯୋଗର ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେବା ପରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ଜିଲ୍ଲାପାଳ ଓ ଏସପିଙ୍କୁ ଚିଠି ଲେଖି ଜୁଲାଇ ପହିଲାରୁ ପ୍ରତ୍ୟେକ ସୋମବାର ଜନଅଭିଯୋଗର ଶୁଣାଣି ଆରମ୍ଭ କରିବାକୁ କହିଛନ୍ତି।

## ଦିଲ୍ଲୀ ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୬(ମହାଭାରତ): ଦୁଇ ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସହ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଆଜି ପ୍ରଥମ ଥର ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି, ନଡ୍ଡାଙ୍କୁ ସାକ୍ଷାତ କରିବେ ବୋଲି ଜଣାଯାଇଛି। ଏଥିସହ ସେମାନେ ବିଜେପିର କିଛି ଶୀର୍ଷ ନେତୃତ୍ୱଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି।

## ଅଲିମ୍ପିକ୍ସ ପାଇଁ ହକି ଟିମ୍‌ରେ ଜଣେ ଓଡ଼ିଆ



ନୂଆଦିଲ୍ଲୀ, ୨୬।୬(ମହାଭାରତ): ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଟିମ୍ ଘୋଷିତ। ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ୧୯ ଜଣିଆ। ହକି ଦଳ ଘୋଷଣା କରାଯାଇଛି। ଏକମାତ୍ର ଓଡ଼ିଆ। ଖେଳାଳି ଭାବେ ଅମିତ ରୋହିଦାସଙ୍କୁ ମିଳିଛି ସୁଯୋଗ। ସେହିପରି ହାର୍ଦ୍ଦିକ ସିଂହଙ୍କୁ ଉପଅଧିନାୟକ କରାଯାଇଛି। ପ୍ୟାରିସ୍ ଅଲିମ୍ପିକ୍ସରେ ପାଞ୍ଚ ଜଣ ନବାଗତଙ୍କୁ ମଧ୍ୟ ସୁଯୋଗ ମିଳିଛି। ଜରମନପ୍ରୀତ ସିଂହ, ସଞ୍ଜୟ, ରାଜ କୁମାର ପାଲ, ଅଭିଷେକ ଏବଂ ସୁଖଜିତ ସିଂହ ଡେବ୍ୟୁ କରିବାକୁ ଯାଉଛନ୍ତି। ପିଆର ଶ୍ରୀଜେଶ ଗୋଲକିପର୍ ଥିବାବେଳେ ନୀଳକାନ୍ତ ଶର୍ମା, ଯୁଗରାଜ ସିଂହ ଏବଂ କୃଷ୍ଣ ପଠକଙ୍କୁ ବିକଳ୍ପ ଆଥଲେଟ୍ ଭାବେ ନାମିତ କରାଯାଇଛି। କୋଚ୍ କ୍ରେଗ୍ ଫୁଲଟନ୍ କହିଛନ୍ତି ଯେ, ଚୟନ ପ୍ରକ୍ରିୟା ଖୁବ୍ କଠିନ ଥିଲା, ତଥାପି ଟିମ୍ ଚୟନର ଏକ ଅଂଶ ହୋଇଥିବାରୁ ସେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ଜୁଲାଇ ୨୬ରୁ ପ୍ୟାରିସ ଅଲମ୍ପିକ୍ସ ଆରମ୍ଭ ହେବ। ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ ଭାରତ। ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଭାରତୀୟ ହକି ଟିମ୍: ଗୋଲକିପର୍ସ: ଶ୍ରୀଜେଶ ପରଉ୍ଟ୍ର ରବୀନ୍ଦ୍ରନ। ଡିଫେଣ୍ଡର୍ସ: ଜାରମାନପ୍ରୀତ ସିଂହ, ଅମିତ ରୋହିଦାସ, ୪.ହରମନପ୍ରୀତ ସିଂ, ସୁମିତ, ସଞ୍ଜୟ। ମିଡଫିଲ୍ଡର୍ସ: ରାଜକୁମାର ପାଲ, ଶାମଶେର ସିଂହ, ମନପ୍ରୀତ ସିଂହ, ହାର୍ଦ୍ଦିକ ସିଂହ, ବିବେକ ସାଗର ପ୍ରସାଦ। ଫରଓ୍ୱାର୍ଡ୍ସ: ଅଭିଷେକ, ସୁଖଜିତ ସିଂହ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂହ, ଗୁରୁଜନ୍ତ ସିଂହ। ଅଲଟରନେଟ ଆଥଲେଟ୍ସ: .ନୀଳକାନ୍ତ ଶର୍ମା, ଜୁଗରାଜ ସିଂହ, କୃଷ୍ଣ ବାହାଦୂର ପଠକ।

## ବଜ୍ରପାତରେ ୫ ମୃତ

ଭୁବନେଶ୍ୱର/ବରଗଡ/ବଲାଙ୍ଗୀର, ୨୬।୬(ମହାଭାରତ): ଆଜି ଅପରାହ୍ନରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଛି। ବଜ୍ରପାତରେ ୫ ଜଣଙ୍କ ଅକାଳ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଏଥିରେ ବରଗଡ଼ ଜିଲ୍ଲାରେ ୩ ଜଣ ଓ ବଲାଙ୍ଗୀର ଜିଲ୍ଲାରେ ୨ ଜଣଙ୍କ ମୃତ୍ୟୁ ହୋଇଛନ୍ତି। ଏହି ଦୁଇ ଘଟଣାରେ ୫ ଜଣ ବ୍ୟକ୍ତିଙ୍କ ପ୍ରାଣ ହରାଇବା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହା ସହିତ ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନଙ୍କ ପାଇଁ ସଂପୂର୍ଣ୍ଣ ମାଗଣାରେ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଓ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଉଉଳବାଞ୍ଜି ଗାଁର ସୂର୍ଯ୍ୟକାନ୍ତି ଖରସେଲ, ତାଙ୍କ ୧୮ ବର୍ଷୀୟ ପୁଅ ଦୀପକ ଖରସେଲ ଓ ଦିଅର ପୁରନ୍ଦର ଖରସେଲ କପା ଚାଷ ପାଇଁ ବିଲକୁ ଯାଇଥିଲେ। ସେହି ସମୟରେ ବର୍ଷା ସହିତ ଝଡ଼ ତୋଫାନ୍ ଓ ବଜ୍ରପାତ ହୋଇଥିଲା। ଆଉ ସେହି

### ମୁଖ୍ୟମନ୍ତ୍ରୀଙ୍କ ସହାୟତା ରାଶି ଘୋଷଣା

ବଜ୍ରପାତରେ ସୂର୍ଯ୍ୟକାନ୍ତି ଖରସେଲ ଓ ତାଙ୍କ ଦୀପକ ଖରସେଲଙ୍କ ମୃତ୍ୟୁ ଘଟିଥିଲା।ତେବେ ପୁରନ୍ଦର ଖରସେଲ ଚେତା ହରାଇ ଚାଷ ଜମିରେ ପଡ଼ିଥିଲେ।ପାଖ ଜମିରେ ଚାଷ କରୁଥିବା ଚାଷୀମାନେ ଏନେଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖପ୍ରାଖୋଲ ମେଡ଼ିକାଲ୍‌ରେ ଭର୍ତ୍ତି କରିଛନ୍ତି।ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଥିବା ଜଣାପଡ଼ିଛି।

ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ଖଲିଆପାଲି ପଞ୍ଚାୟତ ଦୁଆନଡିହି ଗାଁରେ ଆଜି ଅପରାହ୍ନରେ ଏହି ଅଭାବନୀୟ ଘଟଣା ଘଟିଛି। ଆଜି ଅପରାହ୍ନରେ ରାଜ୍ୟର ଅନ୍ୟ ସ୍ଥାନ ଭଳି ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ଖଲିଆପାଲି ପଞ୍ଚାୟତ ଦୁଆନଡିହି ଗାଁରେ ମଧ୍ୟ ବର୍ଷା ହୋଇଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ୫ ଜଣ କୌଣସି କାମରେ ଯାଇଥିଲେ। ବର୍ଷାର ମାତ୍ରା ବଢ଼ିବାରୁ ସେମାନେ ଏକ ବଡ଼ ଗଛ ତଳେ ଛିଡ଼ା ହୋଇଥିଲେ। ଏତିକି ବେଳେ ଗଛ ଉପରେ ବଜ୍ର ପଡ଼ିଥିଲା। ଫଳରେ ୫ ଜଣ ଲୋକ ଅଚେତ ହୋଇ ପଡ଼ିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହାୟତାରେ ୫ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣଙ୍କର ଚିକିତ୍ସା ଜାରି ରହିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ

ପୁରୀ, ୨୬।୬(ମହାଭାରତ): ମହାପ୍ରଭୁ ବିଶ୍ୱ ନିୟନ୍ତା। ତାଙ୍କ ରଥଯାତ୍ରା ଅନନ୍ୟ ଓ ବିଶ୍ୱ ପ୍ରସିଦ୍ଧ। ମହାପ୍ରଭୁଙ୍କ ମହିମା ଓ ମହତ୍ୱକୁ ଅଧିକ ପ୍ରସାରିତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଚଳିତ ରଥଯାତ୍ରା ର ଦ୍ୱିତୀୟ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳା ର ସହ ସମ୍ପର୍ଣ୍ଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ରଥଯାତ୍ରା ଏକ ସାମୁହିକ କାର୍ଯ୍ୟ। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।ଚଳିତ ରଥଯାତ୍ରା ରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ମହାପ୍ରଭୁଙ୍କ ପ୍ରଦର୍ଶନୀ ଓ ଅନ୍ୟାନ୍ୟ କାର୍ଯ୍ୟ ରେ ଓଡ଼ିଆ ଅସ୍ମିତାର ପ୍ରତିଫଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ପୁରୀ ରେ ରଥଯାତ୍ରା ସମୟ ସ୍ୱାସ୍ଥ୍ୟ ବିଭାଗକୁ ଅଧିକ ସକ୍ରିୟ କରିବାକୁ ଜଣେ ଯୁଗ୍ମ ନିର୍ଦ୍ଦେଶକ ସ୍ତରର ଅଧିକାରୀ ନିୟୋଜିତ ହେବେ। ସେହିପରି ପୌରପାଳିକା ପାଇଁ ଜଣେ ଅତିରିକ୍ତ ସଚିବଙ୍କ ସ୍ତରର ଅଧିକାରୀ କାର୍ଯ୍ୟ ଅନୁଧ୍ୟାନ କରିବେ। ରଥଯାତ୍ରା ସମୟରେ ଅଂଶୁଘାତର ମୁକାବିଲା ପାଇଁ ୧୦୦ ବେଡର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ,ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣ ଚନ୍ଦ୍ର ମହାପାତ୍ର,ଇସ୍ପାତ, ଗ୍ରାମ୍ୟ ଉନ୍ନୟନ,ପଂଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର,ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା,କ୍ରିଡା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ,ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ସଂସଦ ୧୪୦ କୋଟି ନାଗରିକଙ୍କ ଆକାଂକ୍ଷାର କେନ୍ଦ୍ର : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୬।୬(ପିଆଇବି): ଗୃହର ବାଚସ୍ପତି ଭାବେ ଓମ୍ ବିର୍ଲା ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାକୁ ସମ୍ବୋଧିତ କରିଛନ୍ତି ।

ଶ୍ରୀ ବିର୍ଲା କ୍ରମାଗତ ଦ୍ୱିତୀୟ ଥର ପାଇଁ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ । ସେ ବାଚସ୍ପତିଙ୍କୁ ଗୃହ ପକ୍ଷରୁ ଶୁଭେଚ୍ଛା ଜଣାଇଥିଲେ। ଅମୃତ କାଳରେ ଶ୍ରୀ ବିର୍ଲା ଦ୍ୱିତୀୟ ଥର ଦାୟିତ୍ୱ ଗ୍ରହଣ କରିବାର ମହତ୍ତ୍ୱ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ ଯେ ତାଙ୍କର ପାଞ୍ଚ ବର୍ଷର ଅଭିଜ୍ଞତା ଏବଂ ତାଙ୍କ ସହ ସଦସ୍ୟମାନଙ୍କ ଅଭିଜ୍ଞତା ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଗୃହକୁ ମାର୍ଗଦର୍ଶନ କରିବାରେ ସମର୍ଥ ହେବ । ପ୍ରଧାନମନ୍ତ୍ରୀ ବାଚସ୍ପତିଙ୍କ ନମ୍ର ଓ ଅମାୟିକ ବ୍ୟକ୍ତିତ୍ୱ ଏବଂ ତାଙ୍କ ବିଜୟସୂଚକ ହସକୁ ଉଲ୍ଲେଖ କରିଥିଲେ ଯାହା ତାଙ୍କୁ ଗୃହ ପରିଚାଳନାରେ ସାହାଯ୍ୟ କରେ। ପୁନଃ ନିର୍ବାଚିତ ବାଚସ୍ପତି ନୂଆ ସଫଳତା ହାସଲ କରିବା ଜାରି ରଖିବେ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ। ଶ୍ରୀ ବଳରାମ ଝାକର ହିଁ ପ୍ରଥମ ବାଚସ୍ପତି ଭାବେ କ୍ରମାଗତ ପାଞ୍ଚ ବର୍ଷ ପରେ ପୁନର୍ବାର ଏହି ପଦରେ ରହିଥିଲେ ଏବଂ ଆଜି ଶ୍ରୀ ଓମ୍ ବିର୍ଲା ସପ୍ତଦଶ ଲୋକସଭାର ସଫଳ ସମାପନ ପରେ ଅଷ୍ଟାଦଶ ଲୋକସଭାକୁ ବଡ଼ ସଫଳତାର ସହ ନେତୃତ୍ୱ ନେବାର ଦାୟିତ୍ୱ ପାଇଛନ୍ତି। ପୂର୍ବରୁ ପ୍ରଥମ ଥର ପାଇଁ ବାଚସ୍ପତି ଭାବେ ନିର୍ବାଚିତ ହୋଇଥିବା ଅନେକ ବ୍ୟକ୍ତି ନିର୍ବାଚନ ଲଢ଼ିନଥିଲେ କିମ୍ବା ନିଯୁକ୍ତି ପରେ ନିର୍ବାଚନ ଜିତି ନଥିଲେ, କିନ୍ତୁ ଶ୍ରୀ ଓମ୍ ବିର୍ଲା ପୁଣି ଥରେ ବିଜୟୀ ହୋଇ ବାଚସ୍ପତି ଭାବେ ପ୍ରତ୍ୟାବର୍ତ୍ତନ କରି ଇତିହାସ ରଚିଛନ୍ତି ବୋଲି ସେ ଦର୍ଶାଇଛନ୍ତି।

ଜଣେ ସାଂସଦ ଭାବରେ ବାଚସ୍ପତିଙ୍କ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଶ୍ରୀ ଓମ୍ ବିର୍ଲାଙ୍କ ନିର୍ବାଚନମଣ୍ଡଳୀରେ ସୁସ୍ଥ ମା' ଏବଂ ସୁସ୍ଥ ଶିଶୁର ଉଲ୍ଲେଖନୀୟ ଅଭିଯାନ ବିଷୟରେ ଉଲ୍ଲେଖ କରିଥିଲେ । ସ୍ୱାସ୍ଥ୍ୟ ସେବାକୁ ତାଙ୍କ ନିର୍ବାଚନ ମଣ୍ଡଳୀ କୋଟାର ଗ୍ରାମାଞ୍ଚଳରେ ପହଞ୍ଚାଇବାରେ ଶ୍ରୀ ବିର୍ଲା କରିଥିବା ଭଲ କାମ ବିଷୟରେ ମଧ୍ୟ ସେ ମନ୍ତବ୍ୟ ଦେଇଥିଲେ। ଶ୍ରୀ ବିର୍ଲାଙ୍କ ନିର୍ବାଚନ ମଣ୍ଡଳୀରେ କ୍ରୀଡ଼ାର ପ୍ରଚାର ପ୍ରସାର କାର୍ଯ୍ୟକୁ ମଧ୍ୟ ସେ ପ୍ରଶଂସା କରିଥିଲେ।

ଗତ ଲୋକସଭାରେ ଶ୍ରୀ ବିର୍ଲାଙ୍କ ନେତୃତ୍ୱକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ସେହି ସମୟକୁ ଆମ ସଂସଦୀୟ ଇତିହାସରେ ଏକ ସୁବର୍ଣ୍ଣ ସମୟ ବୋଲି କହିଥିଲେ । ସପ୍ତଦଶ ଲୋକସଭାରେ ନିଆଯାଇଥିବା ପରିବର୍ତ୍ତନମୂଳକ ନିଷ୍ପତ୍ତିକୁ ମନେ ପକାଇ ପ୍ରଧାନମନ୍ତ୍ରୀ ବାଚସ୍ପତିଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ନାରୀ ଶକ୍ତି ବନ୍ଦନ ଅଧିନିୟମ, ଜମ୍ମୁ କଶ୍ମୀର ପୁନର୍ଗଠନ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ସାମାଜିକ ସୁରକ୍ଷା ସଂହିତା, ବ୍ୟକ୍ତିଗତ ଡାଟା ସୁରକ୍ଷା ବିଲ୍, ମୁସଲିମ୍ ମହିଳା ବିବାହ ଅଧିକାର ସଂରକ୍ଷଣ ବିଧେୟକ, କିନ୍ନରଙ୍କ ଅଧିକାର ସୁରକ୍ଷା ବିଲ୍, ଖାଉଟି ସୁରକ୍ଷା ବିଲ୍, ପ୍ରତ୍ୟକ୍ଷ ଟିକସ - ବିବିଧ ସେ ବିଶ୍ୱାସ ବିଧେୟକ ବିଷୟରେ ଉଲ୍ଲେଖ କରିଥିଲେ। ଶ୍ରୀ ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ସମସ୍ତ ଐତିହାସିକ ଆଇନ ପାରିତ ହୋଇଥିଲା।



ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗଣତନ୍ତ୍ରର ଲମ୍ବା ଯାତ୍ରାରେ ବିଭିନ୍ନ ପଦକ୍ଷେପ ଦେଖିବାକୁ ମିଳିଥାଏ ଯାହା ନୂତନ ରେକର୍ଡ ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରିଥାଏ । ସପ୍ତଦଶ ଲୋକସଭାରେ ଭାରତକୁ ଏକ ଆଧୁନିକ ରାଷ୍ଟ୍ର ରେ ପରିଣତ କରିବା ଦିଗରେ ହୋଇଥିବା କାର୍ଯ୍ୟକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ସପ୍ତଦଶ ଲୋକସଭାର ସଫଳତା ପାଇଁ ଭାରତବାସୀ ଏହାକୁ ସ୍ମରଣ କରିବେ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ । ନୂତନ ସଂସଦ ଭବନ ମାନ୍ୟବର ବାଚସ୍ପତିଙ୍କ ମାର୍ଗଦର୍ଶନରେ ଅମୃତ କାଳର ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରିବ ବୋଲି ସେ ଗୃହକୁ ଆଶ୍ୱାସନା ଦେଇଥିଲେ। ଶ୍ରୀ ମୋଦୀ ବର୍ତ୍ତମାନର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ନୂତନ ସଂସଦ ଭବନ ଉଦଘାଟନକୁ ସ୍ମରଣ କରିବା ସହ ଗଣତାନ୍ତ୍ରିକ ପଦ୍ଧତିର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ନିଆଯାଇଥିବା ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଥିଲେ । ଗୃହରେ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ବାଚସ୍ପତିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କାଗଜବିହୀନ କାର୍ଯ୍ୟଧାରା ଏବଂ ଶୃଙ୍ଖଳା ପ୍ରକ୍ରିୟାକୁ ମଧ୍ୟ ସେ ପ୍ରଶଂସା କରିଥିଲେ।

ଜି-୨୦ ରାଷ୍ଟ୍ରଗୁଡ଼ିକର ବିଧାନ ପରିଷଦର ପ୍ରିଜାଇଡିଂ ଅଫିସରଙ୍କ ଏକ ସଫଳ ପି-୨୦ ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ବାଚସ୍ପତିଙ୍କୁ ପ୍ରଶଂସା କରିଥିଲେ, ଯେଉଁଥିରେ ରେକର୍ଡ ସଂଖ୍ୟକ ଦେଶ ଯୋଗ ଦେଇଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ସଂସଦ ଭବନ କେବଳ କକ୍ଷ ନୁହେଁ ବରଂ ଏହା ୧୪୦ କୋଟି ନାଗରିକଙ୍କ ଆକାଂକ୍ଷାର କେନ୍ଦ୍ର । ଗୃହର କାର୍ଯ୍ୟଧାରା, ଆଚରଣ ଓ ଉତ୍ତରଦାୟିତ୍ୱ ଆମ ଦେଶରେ ଗଣତନ୍ତ୍ରର ମୂଳଦୁଆକୁ ମଜବୁତ କରିଥାଏ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସପ୍ତଦଶ ଲୋକସଭାର ରେକର୍ଡ ସଫଳତା ୯୭ ପ୍ରତିଶତ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । କରୋନା ମହାମାରୀ ସମୟରେ ଗୃହର ସଦସ୍ୟମାନଙ୍କ ପାଇଁ ବାଚସ୍ପତିଙ୍କ ବ୍ୟକ୍ତିଗତ ଉଦ୍ୟମ ଏବଂ ଚିନ୍ତା ବିଷୟରେ ମଧ୍ୟ ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ସଫଳତା ୧୭୦ ପ୍ରତିଶତରେ ପହଞ୍ଚିଥିବା ବେଳେ ମହାମାରୀ ଗୃହକାର୍ଯ୍ୟକୁ ଅଟକାଇବାକୁ ଦେଇନଥିବାରୁ ସେ ଶ୍ରୀ ବିର୍ଲାଙ୍କୁ ପ୍ରଶଂସା କରିଥିଲେ । ଗୃହର ଶୃଙ୍ଖଳା ବଜାୟ ରଖିବାରେ ବାଚସ୍ପତି ଯେଉଁ ସନ୍ତୁଳନ ଦେଖାଇଛନ୍ତି ତାହାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଶଂସା କରିଛନ୍ତି, ଯେଉଁଥିରେ ଅନେକ କଠୋର ନିଷ୍ପତ୍ତି ମଧ୍ୟ ନିଆଯାଇଛି। ପରମ୍ପରା ସହ ଗୃହର ମୂଲ୍ୟବୋଧକୁ ବଜାୟ ରଖିବାକୁ ପସନ୍ଦ କରିଥିବାରୁ ସେ ବାଚସ୍ପତିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

ଲୋକଙ୍କ ସେବା କରି ଏବଂ ସେମାନଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରି ୧୮ତମ ଲୋକସଭା ସଫଳ ହେବା ନେଇ ପ୍ରଧାନମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ । ନିଜର ଅଭିଭାଷଣ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ଓମ୍ ବିର୍ଲାଙ୍କ ଉପରେ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଏବଂ ଦେଶକୁ ସଫଳତାର ନୂତନ ଶିଖରରେ ପହଞ୍ଚାଇବା ପାଇଁ ଶୁଭେଚ୍ଛା ଜଣାଇଥିଲେ ।

## ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

..... ପରଦା ଖବର .....

## ଆସିଲା 'ସ୍ତ୍ରୀ ୨' ଟିଜର: ଏଥର ସ୍ୱାଧୀନତା ଦିବସରେ ଚନ୍ଦେରୀରେ ଖେଳିବ ଆତଙ୍କ




ରାଜକୁମାର ରାଓ, ଶ୍ରଦ୍ଧା କପୁର, ପଙ୍କଜ ତ୍ରିପାଠୀ ଅଭିନୀତ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ସ୍ତ୍ରୀ ୨' ଏଥର ସ୍ୱାଧୀନତା ଦିବସ ଅବସରରେ ଅଗଷ୍ଟ ୧୫ରେ ମୁକ୍ତିଲାଭ କରିବ। ମଙ୍ଗଳବାର ଫିଲ୍ମର ଟିଜର ରିଲିଜ୍ ହୋଇଛି। ଟିଜରକୁ ଦର୍ଶକ ଖୁବ୍ ପସନ୍ଦ କରୁଥିବାବେଳେ ଫିଲ୍ମକୁ ନେଇ ଉତ୍ସାହ ଦୁଇଗୁଣା ହୋଇଯାଇଛି।'ସ୍ତ୍ରୀ ୨'ର ଟିଜର ଜୁନ୍ ୧୪ରେ ଫିଲ୍ମ 'ମୁଞ୍ଜ୍ୟା' ସହ ଆଟାଚ୍ କରାଯାଇଥିଲା। ସିନେମାହଲରେ 'ମୁଞ୍ଜ୍ୟା' ଦେଖିବାକୁ ଯାଇଥିବା ଦର୍ଶକଙ୍କୁ ଏହି ଟିଜର ଦେଖିବାର ସୁଯୋଗ ମିଳିଥିଲା। ଏହି ସମୟରେ କେହି ଏହାକୁ ରେକର୍ଡ଼ କରି ସାମାଜିକ ଗଣମାଧ୍ୟମରେ ଲିକ୍ କରି ଦେଇଥିଲା। କିନ୍ତୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଟିଜର ରିଲିଜ୍ କରାଯାଇଛି।

## ମଥାରେ ଓଢଣା ଦେଲେ ଦୂରେଇ ରହିଥାଏ ନକରାତ୍ମକ ଶକ୍ତି



ପୂଜାର୍ଚ୍ଚନା ସମୟରେ ମଥାରେ ଓଢଣା ଦେବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଏକାଗ୍ରତା ବୃଦ୍ଧି ପାଇଥାଏ। ପୂଜା ସଫଳ ହେବା ସହ ଶୁଭ ଫଳ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ମନ୍ଦିରକୁ ଗଲେ ସେଠାରେ ମଥାରେ ଓଢଣା ଦେଇ ଭଗବାନଙ୍କୁ ପୂଜାର୍ଚ୍ଚନା କଲେ ଆପଣ ପ୍ରଭୁଙ୍କୁ ଭକ୍ତିର ସହ ଆଦର, ସମ୍ମାନ ଦେଉଛନ୍ତି ବୋଲି କୁହାଯାଏ। ସେହିପରି ପରିବାରର ଗୁରୁଜନଙ୍କ ସମ୍ମୁଖରେ ଓଢଣା ଦେଲେ ତାଙ୍କୁ ସଠିକ ସମ୍ମାନ ଦେଉଛନ୍ତି ବୋଲି ମାନ୍ୟତା ରହିଛି। ମଥାରେ ଓଢଣା ଦେଲେ ନକରାତ୍ମକ ଶକ୍ତି ଆପଣଙ୍କ ଠାରୁ ଦୂରେଇ ରହିଥାଏ। ବହୁବାର ଦେଖିବାକୁ ମିଳିଥାଏ ଯେ ଅଧିକାଂଶ ସମୟରେ ନାରୀମାନେ ନିଜର ଶାଢୀ ଅଥବା ଚୁନରୀକୁ ବ୍ୟବହାର କରି ମଥାରେ ଓଢଣା ଦେଇଥାଆନ୍ତି। ବିଶେଷ କରି ଭଗବାନଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ମଥାରେ ଓଢଣୀ ଦେବା ନିତ୍ୟାନ୍ତ ଆବଶ୍ୟକ। ମଥାରେ ଓଢଣୀ ଦେବା ପରମ୍ପରା ବହୁ ପୁରାତନ କାଳରୁ ଚାଲି ଆସୁଛି।

## ଥଣ୍ଡାରୁ ରକ୍ଷା ପାଇବାର ଉପାୟ

ଘରେ ହେଉ କିମ୍ବା ବାହାରେ, କେହି ଛିଙ୍କିଲେ ପାଖଆଖରେ ଥିବା ଲୋକେ ଭୟଭୀତ ହୋଇଯାଉଛନ୍ତି। ସାମାନ୍ୟ ଥଣ୍ଡା, ସର୍ଦ୍ଦିରୁ ମଧ୍ୟ ରକ୍ଷା ପାଇବାର ସରଳ ଉପାୟ ହେଉଛି ନିଜ ଖାଦ୍ୟପାନୀୟକୁ ନେଇ ସତର୍କ ରୁହନ୍ତୁ।



■ କୋହଲା ପାଗ କିମ୍ବା ବର୍ଷା ହେଲେ, ଥଣ୍ଡା ହେବା ସ୍ୱାଭାବିକ। ନିଜ ଖାଦ୍ୟରେ କେତୋଟି ଦ୍ରବ୍ୟ ସାମିଲ କରିଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବ। ସନ୍ଧ୍ୟା ସମୟରେ ସୁପ୍ ପିଇବାର ଅଭ୍ୟାସ କରନ୍ତୁ। ଅଦା, ରସୁଣ ଛେଚା ମିଶାଇ ପରିବା ସୁପ୍ ନଚେତ୍ ଚିକେନ୍ ସୁପ୍ ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ। ପ୍ୟାକେଟ୍ ସୁପ୍‌ରେ ବିଭିନ୍ନ ପ୍ରକାର ରାସାୟନିକ ତତ୍ତ୍ୱ ମିଶୁଥିବାରୁ ସେସବୁ ପିଇବା ଶରୀର ପାଇଁ ହିତକର ନୁହେଁ ବୋଲି ବିଶେଷଜ୍ଞଙ୍କ ମତ।

■ ସକାଳବେଳା ଲେମ୍ବୁ ପାଣି କିମ୍ବା କମଳା ରସ ପିଇବାର ଅଭ୍ୟାସ କରିବା ଉଚିତ। ଭିଟାମିନ୍ ସି'ଯୁକ୍ତ ଏଇ ପାନୀୟ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଥଣ୍ଡା,ସର୍ଦ୍ଦିରୁ ରକ୍ଷା ମିଳେ।

■ ବଜାରରେ ଓ ଅନ୍-ଲାଇନରେ ଏକପ୍ରକାର 'କେମୋମାଇଲ ଟି' ମିଳୁଛି। ପୋଷକତତ୍ତ୍ୱ ଭରପୂର ଏହି ଚା' ପିଇଲେ କାଶ, ଛିଙ୍କ ହେଉନଥିବାର ଅନୁଧ୍ୟାନରୁ ପ୍ରକାଶ।

■ ସକାଳ ଜଳଖିଆରେ ଗୋଟିଏ ପାଚିଲା କଦଳୀ ଖାଇବାର ଅଭ୍ୟାସ କରିବା ଉଚିତ। ପୋଟାସିୟମ୍ ଭରପୂର କଦଳୀ ଖାଇଲେ ଆମ ପାଚନ ଶକ୍ତି ଭଲ ହେବା ସହ ଶରୀରକୁ ଭିଟାମିନ୍ ସି' ମଧ୍ୟ ମିଳେ।

## ଦୁର୍ଯ୍ୟୋଧନ ହରାଇଲା, ଶ୍ରୀକୃଷ୍ଣଙ୍କୁ ପାଇଲେ ଅର୍ଜୁନ



ମହାଭାରତ ଯୁଦ୍ଧ ହେବା ନିଶ୍ଚିତ ହୋଇସାରିଥିଲା । ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ଦୁର୍ଯ୍ୟୋଧନ ଦ୍ୱାରୀକାରେ ପହଞ୍ଚିଲା । ସେବକମାନେ ମନା କରିବା ସତ୍ତ୍ୱେ ସେ ଉଦଣ୍ଡତାପୂର୍ବକ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଗଲା । ଶ୍ରୀକୃଷ୍ଣ ଶୋଇଥିଲେ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ପାଦ ପାଖରେ ଥିବା ଖାଲି ସ୍ଥାନ ଦେଖି ସେଠାରେ ବସି ଅପେକ୍ଷା କଲା । କିଛିକ୍ଷଣ ପରେ ସେ ଭାବିଲା, ମୁଁ ତ ରାଜା । କାହାର ପାଦ ପାଖରେ ବସିବା ମୋ ପକ୍ଷେ ଉଚିତ୍ ନୁହେଁ । ଏହା ଭାବି ସେ ଉଠିଲା ଏବଂ ମୁଣ୍ଡ ପାଖରେ ବସି ଶ୍ରୀକୃଷ୍ଣଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲା । ଅର୍ଜୁନ ମଧ୍ୟ ଶ୍ରୀକୃଷ୍ଣଙ୍କ ସହାୟତା ଚାହୁଁଥିଲେ । ସେ କିଛି ସମୟ ପରେ ଶ୍ରୀକୃଷ୍ଣଙ୍କ ଶୟନକକ୍ଷକୁ ଆସିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ନିକଟରେ ଦୁର୍ଯ୍ୟୋଧନଙ୍କୁ ପୂର୍ବରୁ ବସିଥିବା ଦେଖି ନିରାଶ ହେଲେ। ଅର୍ଜୁନ ସରଳତା ପୂର୍ବକ ଶ୍ରୀକୃଷ୍ଣଙ୍କ ପାଦ ପାଖରେ ବସିଗଲେ । କିଛି ସମୟ ପରେ ଯେତେବେଳେ ଭଗବାନ କୃଷ୍ଣ ଆଖି ଖୋଲିଲେ, ସେ ପ୍ରଥମେ ଅର୍ଜୁନଙ୍କୁ ଦେଖିଲେ । ମାଧବ ପଚାରିଲେ, ତୁମେ କେତେବେଳେ ଆସିଲ ପାର୍ଥ ? ହାତଯୋଡ଼ି ଅର୍ଜୁନ କହିଲେ, ଏଇ ତ' ଏବେ ଆସିଲି । ଦୁର୍ଯ୍ୟୋଧନ ହଠାତ୍ କହିଲା, ମୁଁ ଅର୍ଜୁନଙ୍କ ପୂର୍ବରୁ ଆସି ବସିଛି । ଏଣୁ ପ୍ରଥମେ ଆପଣଙ୍କ ଉପରେ ମୋର ଅଧିକାର ରହିଛି । ଶ୍ରୀକୃଷ୍ଣ କହିଲେ, ହେଲେ ମୁଁ ତ' ପ୍ରଥମେ ଅର୍ଜୁନଙ୍କୁ ଦେଖିଲି । ତୁମେ ରାଜା ହୋଇଥିବା କାରଣରୁ ଅହଂକାରବଶତଃ ମୋ ମୁଣ୍ଡ ପାଖରେ ବସିଲ । ତୁମେ ସନ୍ଧିର ପ୍ରସ୍ତାବ ନେଇ ଆସିଥିଲ । ଅନୁରୋଧ କିମ୍ବା ସହାୟତା ଆଶା ନେଇ ଆସିଥିଲେ ତୁମେ ନିଶ୍ଚୟ ମୋର ପାଦ ପାଖରେ ବସିଥାନ୍ତ । କିନ୍ତୁ ଅର୍ଜୁନ ପ୍ରକୃତରେ ମୋର ସହାୟତା ଚାହେଁ, ସେଥିପାଇଁ ସେ ମୋ ପାଦ ପାଖରେ ବସିଲା । ସେ ସହାୟତାର ଅନୁରୋଧ ନେଇ ଆସିଥିଲା । ଏଣୁ ସେ ମୋର ପାଦ ପାଖରେ ବସିଲା । ଈଶ୍ୱର ସମସ୍ତଙ୍କୁ ମୁଣ୍ଡର ସମ୍ମୁଖ ଭାଗରେ ଆଖି ଦେଇଛନ୍ତି । ସେଥିପାଇଁ ଆଖି ଖୋଲିବା ମାତ୍ରେ ପାଦ ପାଖରେ ବସିଥିବା ଲୋକପ୍ରତି ପ୍ରଥମେ ନଜର ପଡ଼ିଥାଏ । ଶ୍ରୀକୃଷ୍ଣ ପୁଣି କହିଲେ, ସହାୟତା ପାଇଁ ଅନୁରୋଧ କରିବାକୁ ହେଲେ ପ୍ରଥମେ ଶିଷ୍ଟାଚାର ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ତାହା ତୁମେ ପାଳନ କରିଲ ନାହିଁ ଦୁର୍ଯ୍ୟୋଧନ । ରାଜାଙ୍କ ଭଳି ବସି କେବଳ ଆଦେଶ ଦିଆଯାଇଥାଏ, ଅନୁରୋଧ କରାଯାଇନଥାଏ । ଦୁର୍ଯ୍ୟୋଧନ ଏଥର ନିଜ ଭୁଲ୍ ବୁଝିପାରିଲେ । ଶିଷ୍ଟାଚାର ପାଳନ କରିନଥିବାରୁ କୃଷ୍ଣ କିନ୍ତୁ ତାଙ୍କୁ ଖାଲି ହାତରେ ଫେରାଇ ଦେଲେ ନାହିଁ । ତାଙ୍କ ଅନୁରୋଧ ଶୁଣିଲେ । ଯୁଦ୍ଧରେ ଶ୍ରୀକୃଷ୍ଣ ଭାଗ ନେବା ଲାଗି ମନା କରିଦେଲେ । ସେ କେବଳ ପରାମର୍ଶ ଦେବା ଲାଗି ରାଜି ହେଲେ । ଦୁର୍ଯ୍ୟୋଧନ ଅହଂକାର ବଳରେ ନାରାୟଣୀ ସେନାର ସହାୟତା ମାଗିଲା । ଶ୍ରୀକୃଷ୍ଣ ଏଥିରେ ରାଜି ହୋଇଗଲେ । ଦୁର୍ଯ୍ୟୋଧନ ପ୍ରସନ୍ନ ହେଲା । ଅର୍ଜୁନଙ୍କ ମୁଖରେ ସ୍ମିତହାସ୍ୟ ଥିଲା । କାରଣ ସେ ଜାଣିଥିଲେ ଶ୍ରୀକୃଷ୍ଣଙ୍କ ତୁଳନାରେ ଲକ୍ଷ ଲକ୍ଷ ସୈନିକ ମଧ୍ୟ ସମାନ ହେବେ ନାହିଁ । ଶ୍ରୀକୃଷ୍ଣଙ୍କୁ ପାଇ ଅର୍ଜୁନ ଭାବୁଥିଲେ, ମୋତେ ସତ୍ୟ, ଧର୍ମ ଏବଂ ନ୍ୟାୟର ସହାୟତା ମିଳିଯାଇଛି । ଏଣୁ ମହାଭାରତ ଯୁଦ୍ଧରେ ଧର୍ମ, ଅର୍ଥାତ୍ ପାଣ୍ଡବମାନଙ୍କର ହିଁ ଜୟ ହେବ । ଶେଷରେ ତାହା ହିଁ ହେଲା ।"

## ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ ।



ସେମାନେ ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ । ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ । ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ । ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା । ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ । ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ । ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ । ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ । ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି । ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ବାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ । କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ ।

# ଟିଟିଲାଗଡ ଫ୍ଲାଏ ଓଭର ପାଇଁ ୧୮୪ କୋଟି ମଞ୍ଜୁର

**ଭୁବନେଶ୍ୱର,୨୬।୬ (ମହାଭାରତ):** ପୂର୍ବ ତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଟିଟିଲାଗଡ ଜଙ୍କସନ ଷ୍ଟେସନରେ ବୃଦ୍ଧି ପାଉଥିବା ରେଳ ଚଳାଚଳ ଏବଂ ଯାତାୟାତକୁ ଦୃଷ୍ଟିରେ ରଖି ରାୟପୁର-ବିଜୟନଗରମ, ଟିଟିଲାଗଡ-ସମ୍ବଲପୁର ଓ ସମ୍ବଲପୁର-ରାୟପୁର ରେଳ ସେକ୍ସନରେ ଟ୍ରେନ ଚଳାଚଳକୁ ସୁଗମ କରିବା ପାଇଁ ରେଳ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପକୁ ଅନୁମତି ଦେଇ ଏଥିଲାଗି ବ୍ୟୟ ବାବଦରେ ଅର୍ଥ ମଞ୍ଜୁର କରିଛି । ଭାରତୀୟ ରେଳବାଇର ଶକ୍ତି କରିଡର ସ୍କିମ୍ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ, ବ୍ୟସ୍ତବହୁଳ ରେଳ ସେକ୍ସନରେ ଟ୍ରେନ୍ ଚଳାଚଳର ଦକ୍ଷତା ଏବଂ ଦକ୍ଷତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ।

ବିଜୟନଗରମ-ରାୟପୁର ରେଳ ମାର୍ଗକୁ ସମ୍ବଲପୁର-ବିଜୟନଗରମ/ରାୟପୁର ରେଳ ସେକ୍ସନ ଟିଟିଲାଗଡ଼ ଷ୍ଟେସନ ଠାରେ ସଂଯୋଗ କରୁଥିବା ଯୋଗୁଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଜଙ୍କସନ ଷ୍ଟେସନ ଭାବରେ ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ ଅବସ୍ଥିତ ବର୍ତ୍ତମାନ ସମସ୍ତ ପର୍ସରୁ ଆସୁଥିବା କିମ୍ବା ଯାତାୟାତ କରୁଥିବା ଟ୍ରେନ ଗୁଡିକ କ୍ରସିଂ ପାଇଁ ଅନ୍ୟ ମାର୍ଗ ଗୁଡିକର ଟ୍ରେନ ଚଳାଚଳକୁ ଟିଟିଲାଗଡ ଷ୍ଟେସନରେ ପ୍ରଭାବିତ କରୁଛି ଯାହାକି ଏକ ପ୍ରମୁଖ ପ୍ରତିବନ୍ଧକ ଭାବରେ ଦଣ୍ଡାୟମାନ। ରାୟପୁରରୁ ଅପ ଟ୍ରେନ୍ ଟିଟିଲାଗଡ ୟାର୍ଡ଼କୁ ପ୍ରବେଶ କରିବା ସମୟରେ ୟାର୍ଡ଼ର ଉତ୍ତର ପାର୍ଶ୍ୱରେ ସମ୍ବଲପୁର ପାର୍ଶ୍ୱରୁ ଡାଉନ୍ ଲାଇନରେ ଆସୁଥିବା ଟ୍ରେନ ଟ୍ରାଫିକ୍ ରେଳଧାରଣ ଅତିକ୍ରମ କରିବାକୁ ପଡିଥାଏ। ୨୦୨୩-୨୪ ରେ ଲାଇନ୍ କ୍ଷମତା ବିବରଣୀ ଅନୁଯାୟୀ ଏହିପରି କ୍ରସ୍ ଗତିବିଧି ସଂଖ୍ୟା ଦୈନିକ ହାରାହାରି ୩୮ ଟି ବୋଲି ଆକଳନ କରାଯାଇଛି।

ଏତେ ସଂଖ୍ୟକ କ୍ରସ୍ ଜନିତ ପ୍ରତିବନ୍ଧକ ଟ୍ରେନ୍ ଅପରେସନ୍ ସିଷ୍ଟମରେ ସାମଗ୍ରିକ ଗତିଶୀଳତାକୁ ପ୍ରଭାବିତ କରିଆସୁଛି । କେବଳ ଟିଟିଲାଗଡରେ ନୁହେଁ ବରଂ ପାଖାପାଖି ଷ୍ଟେସନ ମାନଙ୍କରେ ମଧ ଟ୍ରେନ୍ ଟ୍ରାଫିକ୍ ପ୍ରଭାବିତ ହୋଇ ଅଟକ ରଖାଯାଇଥାଏ।

ଏହି ପ୍ରତିବନ୍ଧକ ଜନିତ ସମସ୍ୟା ଏଡ଼ାଇବାପାଇଁ ରେଳ ମନ୍ତ୍ରଣାଳୟ ୮.୧୧ କିମି ଦୈର୍ଘ୍ୟ ଏକ ଫ୍ଲାଏଓଭର ନିର୍ମାଣ ପାଇଁ ୧୮୩.୮୯ କୋଟି ଟଙ୍କା ମଞ୍ଜୁର କରିଛି ଯାହାକି ଏହି ଫ୍ଲାଏଓଭର ଅନ୍ୟ ଲାଇନଗୁଡିକ ଅତିକ୍ରମ ନକରି ଟିଟିଲାଗଡରୁ ବିଜୟନଗରମ, ରାୟପୁର ଏବଂ ସମ୍ବଲପୁର ଦିଗରୁ ଟ୍ରେନ୍ ଚଳାଚଳ ପାଇଁ ଏକ ଉତ୍ସର୍ଗୀକୃତ ଭିତ୍ତିଭୂମି ଯୋଗାଇ ବୃଦ୍ଧିପାଉଥିବା ଟ୍ରେନ୍ ଟ୍ରାଫିକ୍ ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି। ଏହା ରାୟପୁର, ବିଜୟନଗରମ୍ ଏବଂ ସମ୍ବଲପୁର ଦିଗରୁ / ଦିଗକୁ ଚଳାଚଳ କରୁଥିବା ଟ୍ରେନ୍ ମାନଙ୍କର ଯାତାୟତକୁ ସୁଗମ କରିବ । ଏହି ନିର୍ମାଣ ଭାରତୀୟ ରେଳବାଇର ଶକ୍ତି କରିଡରର ଏକ ଅଂଶ ହେବ ଏବଂ ସ୍ଥାୟୀ ଏବଂ ଦକ୍ଷ ଭିତ୍ତିଭୂମି ବିକାଶ ପାଇଁ ଏକ ପ୍ରତିବଦ୍ଧତା ପ୍ରଦର୍ଶନ କରିବ।

ନୂତନ ଫ୍ଲାଇଓଭର ଟିଟିଲାଗଡ଼ ଷ୍ଟେସନ ଠାରେ କ୍ରସିଂ ଜନିତ ଗତିବିଧି ପ୍ରତିବନ୍ଧକକୁ ଦୂର କରିବା ସହିତ ଉଭୟ ରାୟପୁର-ବିଜୟନଗରମ ମୁଖ୍ୟ ଲାଇନ ଏବଂ ଟିଟିଲାଗଡ-ସମ୍ବଲପୁର ଲାଇନରେ ଟ୍ରେନର ହାରାହାରି ଗତି ଏବଂ କାର୍ଯ୍ୟକ୍ଷମତାକୁ ଉନ୍ନତ କରିବ। ବାଧା ଦୂର କରାଇ ସହଜସାଧ କରାଇବା: ଏହି ବ୍ୟସ୍ତବହୁଳ ଜଙ୍କସନ ମଧ୍ୟ ଦେଇ ଚଳାଚଳ କରୁଥିବା ଟ୍ରେନ୍ ଗୁଡିକର ଅପେକ୍ଷା ସମୟକୁ ଯଥେଷ୍ଟ ହ୍ରାସ କରି ମେନ୍ ଲାଇନ୍ ଟ୍ରେନ୍ ଗୁଡିକ ଟିଟିଲାଗଡ ଷ୍ଟେସନରେ ଆଉ ଅଟକ ରଖାଯିବ ନାହିଁ ।

ବିଭିନ୍ନ ଟ୍ରେନ୍ ଚଳାଚଳକୁ ନିୟନ୍ତ୍ରଣ କରୁଥିବା ଟିଟିଲାଗଡ ରେଳ ଷ୍ଟେସନ ଏକ ପ୍ରମୁଖ ସଂଯୋଗ ଅଟେ। ଏହି ଫ୍ଲାଏ ଓଭରର ନିର୍ମାଣ ବିଜୟନଗରମ, ସମ୍ବଲପୁର ଏବଂ ରାୟପୁରରୁ ଆସୁଥିବା କିମ୍ବା ସେହି ଦିଗକୁ ଯାତ୍ରା କରୁଥିବା ଟ୍ରେନର ଚଳାଚଳକୁ ସହଜ କରିବ। ପୂର୍ବରୁ, ଉପରୋକ୍ତ ତିନୋଟି ଦିଗରୁ କ୍ରସିଂ ଜନିତ ଟ୍ରାଫିକ୍ ଅନୁମତି ଦେବା ପାଇଁ ଟିଟିଲାଗଡରେ ଟ୍ରେନ୍ ଚଳାଚଳକୁ ନିୟନ୍ତ୍ରଣ କରିବାକୁ ପଡୁଥିଲା, ଯାହାଦ୍ୱାରା ବିଳମ୍ବ ଏବଂ ଚଳାଚଳ ପ୍ରତିବନ୍ଧକ ଦେଖାଦେଉଥିଲା।

ଅସୁବିଧାଜନକ ଟ୍ରେନ୍ ଚଳାଚଳ ହ୍ରାସ କରାଇବା ଏବଂ କ୍ରସ୍-ମୁଭମେଣ୍ଟ ବନ୍ଦୋବସ୍ତକୁ ଦୂର କରି ଏହି ନୂତନ ରେଳ ଫ୍ଲାଏଓଭର ଯାତ୍ରୀମାନଙ୍କ ପାଇଁ ସମୁଦାୟ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବ ଏବଂ ଏହି ଅଞ୍ଚଳରେ ଭାରତୀୟ ରେଳବାଇର କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଉଭୟ ରାୟପୁର, ବିଜୟନଗରମ ଓ ସମ୍ବଲପୁର ମାର୍ଗକୁ ଟିଟିଲାଗଡ଼ ଷ୍ଟେସନ ଠାରେ ଟ୍ରେନ ଚଳାଚଳ କ୍ଷେତ୍ରରେ ରେଳ ଧାରଣା ପରସ୍ପରକୁ ଭୂପୃଷ୍ଠ କ୍ରସିଂ ସୃଷ୍ଟି କରୁଅଛି ଏହି ପ୍ରତିବନ୍ଧକ ରାୟପୁରରୁ ବିଜୟନଗରମ ଆଡକୁ, ବିଜୟନଗରମ ରୁ ସମ୍ବଲପୁର ଦିଗକୁ ଓ ସମ୍ବଲପୁରରୁ ଉଭୟ ରାୟପୁର ଓ ବିଜୟନଗରମ ଦିଗକୁ ଟ୍ରେନର ଏକକାଳୀନ ଚଳାଚଳକୁ ପ୍ରତିରୋଧ କରୁଛି । ଏହି ଫ୍ଲାଏ ଓଭର କାର୍ଯ୍ୟକ୍ଷମ ହେବା ପରେ ଟିଟିଲାଗଡ଼ ଷ୍ଟେସନ ଠାରେ ସମସ୍ତ ଦିଗ ଯଥା ରାୟପୁରରୁ ସମ୍ବଲପୁର ଓ ବିଜୟନଗରମ ଦିଗକୁ, ସମ୍ବଲପୁରରୁ ରାୟପୁର ଓ ବିଜୟନଗରମ ଦିଗକୁ ଏବଂ ବିଜୟନଗରମ ରୁ ରାୟପୁର ଓ ସମ୍ବଲପୁର ଦିଗକୁ ଟ୍ରେନର ଏକକାଳୀନ ଚଳାଚଳ ହୋଇପାରିବ। ଭାରତୀୟ ରେଳ ସମଗ୍ର ଦେଶରେ ଏହାର ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ପ୍ରତିଶ୍ରୁତିବଦ୍ଧ। ଟିଟିଲାଗଡରେ ନିର୍ମାଣ ହେବାକୁ ଥିବା ଏହି ନୂତନ ଫ୍ଲାଏ ଓଭର ଟ୍ରେନ ମାନଙ୍କର ଯାତାୟାତ ସମସ୍ୟାକୁ ହ୍ରାସ କରିବା ସହିତ ଦକ୍ଷତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇପାରିବ।

## ସୁଭଦ୍ରା ଯୋଜନାକୁ ନେଇ ଭ୍ରମିତ କରନ୍ତୁ ନାହିଁ

**ଭୁବନେଶ୍ୱର,୨୬।୬ (ମହାଭାରତ):** ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ କେମିତି ମହିଳାଙ୍କୁ ୫୦ ହଜାର ଟଙ୍କାର ନଗଦ କ୍ୟାସ୍ ଭାଉଚର ମିଳିବ, ତାକୁ ନେଇ ମହିଳାଙ୍କ ଭିତରେ ଉତ୍କଣ୍ଠା ରହିଥିବାବେଳେ ଏହାକୁ ନେଇ ଭିନ୍ନ ଭିନ୍ନ ଖବର ସାମ୍ନାକୁ ଆସୁଛି। ଯାହାକୁ ନେଇ ମହିଳାଙ୍କ ଭିତରେ ବଢୁଛି ବିଭ୍ରାନ୍ତି। ସେପଟେ ଏହାକୁ ନେଇ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଯୋଜନାକୁ ନେଇ ଭ୍ରମିତ କଲାଭଳି ଖବର ପ୍ରସାରଣ ନକରିବାକୁ ଅନୁରୋଧ କରିଛନ୍ତି। କହିଛନ୍ତି ଏହି ଯୋଜନା ଏବେ ଡ୍ରାଫ୍ଟ ଷ୍ଟେଜରେ ଅଛି, ୧୦୦ ଦିନ ଭିତରେ ରୂପରେଖ ଚୁଡାନ୍ତ ହେବ। ସୁଭଦ୍ରା ଯୋଜନାରେ କେମିତି ମିଳିବ ୫୦ ହଜାର ଟଙ୍କା ନଗଦ ଭାଉଚର। ଯୋଜନାର କ'ଣ ରହିବ ମାନଦଣ୍ଡ ? ସବୁ ବର୍ଗ ମହିଳାଙ୍କୁ ମିଳିବ ତ? ଭାଉଚର ପାଇବାକୁ କେମିତି ଆବେଦନ କରିବେ ହିତାଧିକାରୀ ? ଏଥିପାଇଁ ଡକୁମେଣ୍ଟ କ'ଣ ଦରକାର ? ଏବେ ଏହି ବଡ଼ ଯୋଜନା ସଂପର୍କିତ ଭିନ୍ନ ଭିନ୍ନ ତଥ୍ୟ ଘୁରିବୁଲୁଛି, ଯାହାକୁ ନେଇ ମହିଳାଙ୍କ ଭିତରେ ବିଭ୍ରାନ୍ତି ବଢୁଛି। ଏମିତିକି ସୋସିଆଲ ମିଡିଆ। ସମେତ କିଛି ଗଣମାଧ୍ୟମରେ ଭିନ୍ନ ଭିନ୍ନ ଖବର ଆସୁଛି। ଏହି ଖବରକୁ ନେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯୋଜନାକୁ ନେଇ ଯେଉଁ ତଥ୍ୟ ପ୍ରଚାର ହେଉଛି ତାହା ସତ୍ୟ ନୁହେଁ। ଏସବୁ ତଥ୍ୟକୁ ଏବେ ବିଶ୍ୱାସ କରନ୍ତୁ ନାହିଁ। ସୁଭଦ୍ରା ଯୋଜନା ସଂପର୍କିତ କିଛି ମନଗଢା ଖବର ପ୍ରସାର ନକରିବାକୁ ଗଣମାଧ୍ୟମକୁ ନିବେଦନ କରିଛନ୍ତି ମନ୍ତ୍ରୀ। ନୂଆ। ସରକାରଙ୍କ ବହୁ ପ୍ରତିକ୍ଷୀତ ସୁଭଦ୍ରା ଯୋଜନାକୁ ସରକାରଙ୍କ ପ୍ରଥମ କ୍ୟାବିନେଟରେ ମୋହର ବାଜିସାରିଛି। ୧୦୦ ଦିନ ଭିତରେ ରୂପରେଖ ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

# ପୁଞ୍ଜି ନିବେଶରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନରେ

**ଭୁବନେଶ୍ୱର,୨୬।୬ (ମହାଭାରତ):** ପୁଞ୍ଜି ନିବେଶ ପ୍ରସ୍ତାବ କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନ ହାସଲ କରିଛି। ଏହାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋସିଆଲ ମିଡିଆ। ଏକ୍ସରେ ଏକ ପୋଷ୍ଟ ସେୟାର କରିଛନ୍ତି। ସେ ଏହି ପୋଷ୍ଟରେ ଲେଖିଛନ୍ତି, ସାରା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ପୁଞ୍ଜି ନିବେଶ ପ୍ରସ୍ତାବ (୨୦୨୩ ମସିହା) କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନ ହାସଲ କରିବା ଗୌରବର ବିଷୟ।

ନିବେଶକମାନେ ଅଭିବୃଦ୍ଧିର ସମ୍ଭାବନାକୁ ଆହୁରି ବ୍ୟାପକ କରି ପୁଞ୍ଜି ନିବେଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଓଡ଼ିଶା ଉପରେ ନିରନ୍ତର ବିଶ୍ୱାସ ରଖି ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଏବଂ ସମ୍ମାନ ଜଣାଉଛି।

ଏଥିସହ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ସୋସିଆଲ ମିଡିଆରେ ଏହାର ଏକ ଫଟୋ ଶେୟାର କରିଛନ୍ତି। ୨୦୨୩ ମସିହାରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ୨୦୨୩ ବର୍ଷରେ ସାରା ଦେଶର ବିଭିନ୍ନ ରାଜ୍ୟକୁ ୫ ଲକ୍ଷ ୧୦ ହଜାର ୮୫୨ କୋଟି ନିବେଶ ପ୍ରସ୍ତାବ ଆସିଥିବା ବେଳେ ଏଥିରୁ ଓଡ଼ିଶାକୁ ସର୍ବାଧିକ ୨ ଲକ୍ଷ ୧୦ ହଜାର ୮୩୭ କୋଟି ଟଙ୍କାର ପ୍ରସ୍ତାବ ମିଳିଛି। ଯାହା ମୋଟ ନିବେଶ ପ୍ରସ୍ତାବର ପ୍ରାୟ ୪୦ ପ୍ରତିଶତ ଅର୍ଥାତ୍ ୫ ହଜାର ୮୧ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିବା ଜଣାପଡ଼ିଛି।

ସାରା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ପୁଞ୍ଜି ନିବେଶ ପ୍ରସ୍ତାବ (୨୦୨୩ ମସିହା) କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନ ହାସଲ କରିବା ଗୌରବର ବିଷୟ। ନିବେଶକମାନେ ଅଭିବୃଦ୍ଧିର ସମ୍ଭାବନାକୁ ଆହୁରି ବ୍ୟାପକ କରି ପୁଞ୍ଜି ନିବେଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଓଡ଼ିଶା ଉପରେ ନିରନ୍ତର ବିଶ୍ୱାସ ରଖି ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଏବଂ ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କ୍ଷେତ୍ରରେ ସିଂହଭାଗ ହୋଇଥିବା ବେଳେ, ଅନ୍ୟ ରାଜ୍ୟମାନେ ଏହାଠାରୁ ବହୁ ପଛରେ ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି। ସାରା ଦେଶର ମୋଟ ନିବେଶ ପ୍ରସ୍ତାବର ୧୨ ପ୍ରତିଶତ ଗୁଜରାଟ ଭାଗରେ ପଡ଼ିଛି। ଗୁଜରାଟକୁ ୨୦୨୩ରେ ମୋଟ ୬୨ ହଜାର ୫୩୫ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ମିଳିଛି। ଅର୍ଥାତ୍ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ତୃତୀୟ ସ୍ଥାନରେ ଥିବା ମହାରାଷ୍ଟ୍ରକୁ ୫୯ ହଜାର ୫୫୧ କୋଟି ଟଙ୍କାର ପ୍ରସ୍ତାବ ମିଳିଛି। ମଧ୍ୟପ୍ରଦେଶକୁ ୨୨ ହଜାର ୧୬୩ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ୨୦୨୩ ମସିହା ଡିସେମ୍ବର ମାସରେ ଦେଶକୁ ମୋଟ ୧୨ ହଜାର ୨୭୪ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିବା ବେଳେ, ଓଡ଼ିଶାକୁ ଏଥିରୁ ସର୍ବାଧିକ ୪୦ ପ୍ରତିଶତ ଟଙ୍କାର ପ୍ରସ୍ତାବ ମିଳିଥିବା ଜଣାପଡ଼ିଛି।

# ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା

**ଭୁବନେଶ୍ୱର,୨୬।୬ (ମହାଭାରତ):** ଲୋକଙ୍କ ଆସ୍ଥାଭାଜନ ହୋଇ ଓ ସ୍ୱଚ୍ଛତା ଅବଲମ୍ବନପୂର୍ବକ ବିଭାଗର ଅଧିକାରୀମାନେ କାର୍ଯ୍ୟ କରିବାକୁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପରାମର୍ଶ ଦେଇଛନ୍ତି । ବୁଧବାର ଅପରାହ୍ନରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ଯୋଜନା ଓ କାର୍ଯ୍ୟାବଳୀ ସଂପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ରାଜ୍ୟର ଚାଷୀମାନଙ୍କ ଜୀବିକା ନିର୍ଦ୍ଧାରଣ ଓ ଆୟବୃଦ୍ଧି ଦିଗରେ ଏହି ବିଭାଗର ବିଶେଷ ଗୁରୁତ୍ୱ ଥିବାରୁ ସରକାରୀ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରିବା ଦିଗରେ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀବୃନ୍ଦ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ଆବଶ୍ୟକ ।

ଓଡ଼ିଶା ପ୍ରାଣୀସଂପଦ ବିକାଶ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ଓ ପ୍ରାଣୀପାଳକମାନଙ୍କ ଆୟବୃଦ୍ଧି ପାଇଁ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବାୟୋଫ୍ଲକ୍, କେଜ୍ କଲଚର ମାଛଚାଷ, କୁକୁଡ଼ା ପାଳନ, ଗୋପାଳନ ଓ ଦୁଗ୍ଧ ଉତ୍ପାଦନ, ଛେଳି ଓ ଘୁଷୁରୀ ପାଳନ ଓ ଘାସଚାଷ ପରି ଯୋଜନାଗୁଡ଼ିକରେ ଉଚିତ ପରିମାଣର ରିହାତି ଦେଇ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଅର୍ଥନୈତିକ ବିକାଶ ଦିଗରେ କାର୍ଯ୍ୟ କରିବାକୁ ହେବ । ମନ୍ତ୍ରୀ ପୁଣି କହିଛନ୍ତି ଯେ ପ୍ରତି ବ୍ଲକ୍ ରେ ପ୍ରାଣୀରୋଗ ପରୀକ୍ଷାଗାର ପ୍ରତିଷ୍ଠା କରାଯିବା ସହିତ ବୁଲା ଓ ଅସହାୟ ପ୍ରାଣୀମାନଙ୍କ ପାଇଁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଣ, ଅଧିକ ସଂଖ୍ୟକ ଗୋଶାଳା ପ୍ରତିଷ୍ଠା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ପ୍ରାଣୀମାନଙ୍କ ଟିକାକରଣ କାର୍ଯ୍ୟକ୍ରମ, କୃତ୍ରିମ ପ୍ରଜନନ, ମଧୁର ଓ କ୍ଷାରଜଳ ମାଛଚାଷ ଇତ୍ୟାଦିରେ କିପରି ଚାଷୀମାନେ ଅଧିକ ଲାଭପ୍ରଦ ହେବେ ସେ ବିଷୟରେ ଧ୍ୟାନ ଦେବାକୁ ହେବ। ଅନୁରୂପ ଭାବରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଓମ୍ଫେଡ୍ କାର୍ଯ୍ୟାବଳୀ ନେଇ ଅବଗତ ହୋଇଥିଲେ। ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା। କାର୍ଯ୍ୟକାରୀ ହେଉଥିବାବେଳେ ସେହି ଯୋଜନାସବୁର ସୁଫଳ ଗ୍ରାମାଂଚଳରେ ଥିବା ଗୋପାଳକ, ପ୍ରାଣୀପାଳକ, ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନଙ୍କୁ ମିଳିବା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ରାଜ୍ୟରେ ଓଡ଼ିଶା ପ୍ରାଣୀସଂପଦ ମିଶନ, ଓଡ଼ିଶା ମତ୍ସ୍ୟ ମିଶନ, ଓଡ଼ିଶା କ୍ଷୀରଧାରା ମିଶନ, ଦୁଟବନ୍ୟା ମିଶନର କାର୍ଯ୍ୟକ୍ରମକୁ ସଶକ୍ତ କରିବା ପାଇଁ ଏକ ବଳିଷ୍ଠ ରୋଡ଼୍ ମ୍ୟାପ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛନ୍ତି। ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ତଥା ବରିଷ୍ଠ ଅଧିକାରୀବୃନ୍ଦ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରମୁଖ ଶାସନ ସଚିବ ଦୃଶ୍ୟଶ୍ରାବ ଉପସ୍ଥାପନ ମାଧ୍ୟମରେ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ମତ୍ସ୍ୟ ନିର୍ଦ୍ଦେଶକ ସାଦ୍ଦିକ୍ ଆଲାମ୍, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା, ଓମ୍ଫେଡ୍ ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ ।




# ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବ୍ରଡବ୍ୟାଣ୍ଡ୍ କମିଟି ବୈଠକ

**ଭୁବନେଶ୍ୱର,୨୬।୬ (ମହାଭାରତ):** ରାଜ୍ୟସ୍ତରୀୟ ଷଷ୍ଠ ବ୍ରଡବ୍ୟାଣ୍ଡ୍ କମିଟି ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଦୂର ସଂଚାର ବିଭାଗ(ଡିଓଟି) ତରଫରୁ ଜାତୀୟ ବ୍ରଡବ୍ୟାଣ୍ଡ ମିଶନରେ ବାର୍ଷିକ କାର୍ଯ୍ୟକାରିତା ଯୋଜନା ଦାଖଲ କରାଯାଇଥିଲା। ବୈଠକରେ ରାଜ୍ୟ ଅର୍ଥ, ଶକ୍ତି ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଦୂର ସଂଚାର ବିଭାଗର ବରିଷ୍ଠ କର୍ତ୍ତୃପକ୍ଷଙ୍କ ସମେତ କମିଟିର ସଦସ୍ୟ ଥିବା ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେସୂଚନା ଅନୁସାରେ ଗ୍ରାମାଂଚଳରେ ଗତ ମଇ ମାସ ଶେଷ ସୁଦ୍ଧା ବ୍ରଡବ୍ୟାଣ୍ଡ୍ ସଂଯୋଗୀକରଣ ୯୦ ପ୍ରତିଶତରୁ ଅଧିକ ରହିଛି, ଯାହାକି ସନ୍ତୋଷଜନକ ରହିଛି । ତେବେ ଏବେ ବି ରାଜ୍ୟର ବହୁ ଗ୍ରାମାଂଚଳରେ ଟେଲିକମ ଓ ଇଣ୍ଟରନେଟ୍ ସୁବିଧା ଆଶାଜନକ ଭାବେ ଉପଲବ୍ଧ ନ ଥିବା ଅନୁଭବ କରି କାର୍ଯ୍ୟ ଯୋଜନା ସଂପର୍କରେମୁଖ୍ୟ ଶାସନ ସଚିବସବିଶେଷ ଅବଗତ ହେବା ପରେ ଓଡ଼ିଶାରେ ଟେଲିକମ୍ ସଂଯୋଗୀକରଣ କଭରେଜ୍ ସମ୍ପର୍କିତ ଯେଉଁ ତଥ୍ୟ ଉପସ୍ଥାପନ କରାଯାଇଛି, ଏହାର ପ୍ରକୃତ ସ୍ଥିତି ଯାଞ୍ଚ କରାଯିବାର ଆବଶ୍ୟକତା ରହିଥିବା ପ୍ରକାଶ କରିବା ସହ ଏଥି ପାଇଁ ଜିଲ୍ଲାପାଳମାନଙ୍କୁ ନିଜ କ୍ଷେତ୍ର କର୍ମଚାରୀଙ୍କୁ ସ୍ଥିତି ଅନୁଧ୍ୟାନ କରିବାକୁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ମୋବାଇଲ ଟାୱାର ସମ୍ବନ୍ଧୀୟ ସମସ୍ୟା ଯଥା ଜମି ଆବଣ୍ଟନ, ରାସ୍ତା ସୁବିଧା , ପରିବେଶ ମଞ୍ଜୁରୀ, ସ୍ଥାନୀୟ ସମସ୍ୟା ଇତ୍ୟାଦି ପ୍ରସଙ୍ଗଗୁଡ଼ିକୁ ୧୫ ଦିନ ମଧ୍ୟରେ ସମାଧାନ ପାଇଁ ସଂପୃକ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଇବା ସହ ଜିଲ୍ଲାପାଳ, ଏସପି ଓ ଡିଏଫ୍ଓଙ୍କ ସହ ଭିଡିଓ କନଫରେନସିଂ ମାଧ୍ୟମରେ ବୈଠକ କରି ଏଭଳି ସମସ୍ୟାକୁ ତ୍ୱରାନ୍ୱିତ କରିବାକୁ ସେ ଦୂର ସଂଚାର ବିଭାଗ କର୍ତ୍ତୃପକ୍ଷ ଏବଂ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପିଏମ୍ ଗତିଶକ୍ତି ପୋର୍ଟାଲରେ ବ୍ରଡବ୍ୟାଣ୍ଡ୍ ସଂଯୋଗ ଥିବା ଅଙ୍ଗନବାଡ଼ି କେନ୍ଦ୍ର ସମେତଶିକ୍ଷାନୁଷ୍ଠାନ ତଥା ପ୍ରତିଷ୍ଠାନ ସଂପର୍କରେ ତଥ୍ୟ ସ୍ଥାନିତ କରିବାକୁ ପରାମର୍ଶ ଦିଆଯାଇଛି । ବିଭିନ୍ନ ବିଭାଗ, ବିଭାଗୀୟ ଶାଖା କାର୍ଯ୍ୟାଳୟ ଆଦିମାନଙ୍କରେ ଫାଇଭ-ଜି (୫-ଜି ) ର ବ୍ୟବହାର ସଂପର୍କରେ ଏକ ଘଣ୍ଟିଆ। ଡେମୋ ଅଧିବେଶନ ପ୍ରଦର୍ଶନ କରି ସଚେତନ କରାଯିବ। ଦୂରସଂଚାର ଯୋଜନାର କାର୍ଯ୍ୟକାରିତା ବେଳେ ଜନସାଧାରଣଙ୍କ ଅନାବଶ୍ୟକ କ୍ଷୟକ୍ଷତିକୁ ଏଡ଼ାଇବା ପାଇଁ ସଂପୃକ୍ତ ଏଜେନ୍ସି ଏବଂ ଖନନ କାର୍ଯ୍ୟ କରୁଥିବା ଏଜେନ୍ସି ଦ୍ୱାରା ସିବିୟୁଡିଆପ୍ର ବାଧ୍ୟତାମୂଳକ ବ୍ୟବହାର ସମ୍ପର୍କରେ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମା ଜାରି କରିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଇଞ୍ଜିନିୟରିଂ କର୍ମଚାରୀଙ୍କୁ ସାମିଲ କରି ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ସିବିୟୁଡି ସଚେତନତା ଶିବିର ଆୟୋଜନ କରିବାକୁ ଦୂର ସଂଚାର ବିଭାଗର ମୁଖ୍ୟଙ୍କୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ। ଶକ୍ତିବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ସହଆଲୋଚନା କରିବା ସହ ସମସ୍ତ ଟେଲିକମ୍ ସେବା ପ୍ରଦାନ କାରୀ ସଂସ୍ଥା (ଟିଏସପି), ଇଣ୍ଟରନେଟ୍ ସେବା ପ୍ରଦାନକାରୀ ସଂସ୍ଥା (ଆଇଏସପି), ଭିତ୍ତିଭୂମି ସୁବିଧା ପ୍ରଦାନକାରୀ ସଂସ୍ଥା (ଆଇପି)ମାନଙ୍କ ପାଇଁ କମ୍ପୋଜିଟ୍ପିଲିଂ ପ୍ରସ୍ତାବକୁ ସୁଗମ କରିବା ପାଇଁ ମୁଖ୍ୟଶାସନ ସଚିବ ପରାମର୍ଶ ଦେଇଛନ୍ତି।

## ରୋଗୀଙ୍କୁ ଭଲ ବ୍ୟବହାର ଦେଖାଇବାକୁ ପରାମର୍ଶ

**କଟକ,୨୬।୬ (ମହାଭାରତ):** ମନ୍ତ୍ରୀ ହେବା ପରେ ଆକ୍ସନରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସବୁବେଳେ ରୋଗୀ ଡାକ୍ତରଖାନାରେ ହନ୍ତସନ୍ତ ହେଉଥିବା ଖବର ସାମ୍ନାକୁ ଆସୁଛି। ଏହି ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏକ ଭଲ ପରାମର୍ଶ ଦେଇ କହିଛନ୍ତି, ମୁନ୍ନାଭାଇ ଏମବିବିଏସ୍ ଫିଲ୍ମ ଦେଖିବା ପାଇଁ । ଅର୍ଥାତ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ହେବା ସହ ଭଲ ବ୍ୟବହାର ଦେଖାଇବାକୁ ସେ ପରାମର୍ଶ ଦେଇଛନ୍ତି।

କଟକ ବଡ଼ ମେଡ଼ିକାଲର ଅନୁଧ୍ୟାନ ପାଇଁ ପହଂଚିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ। ଏହି ଅବସରରେ ବିଭିନ୍ନ ୱାର୍ଡ ବୁଲିବା ସହ ରୋଗୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମୀକ୍ଷା କରି କହିଥିଲେ।।

ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଙ୍ଗଳବାର ଏସସିବି ମେଡିକାଲ ଗସ୍ତ କରିଛନ୍ତି। ମେଡିକାଲରେ ସମସ୍ତ ବିଭାଗ ଭ୍ରମଣ କରିବା ସହ ଏସସିବି ଅଧିକ୍ଷକ ଏବଂ ବରିଷ୍ଠ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ନୂଆ। ସରକାର ଗଠନ ହେବା ପରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆସିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଡାକ୍ତରଙ୍କୁ ସୁରକ୍ଷା ସହ ଉନ୍ନତମାନର ରୋଗୀ ସେବା ଯୋଗାଇଦେବାକୁ ଏସସିବି କର୍ତ୍ତୃପକ୍ଷଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ରୋଗୀ ଓ ଡାକ୍ତରମାନଙ୍କ ମଧ୍ୟରେ ଯେପରି ଭଲ ସମ୍ପର୍କ ରହିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଯେପରି ଡାକ୍ତର ରୋଗୀଙ୍କ ପ୍ରତି ଭଲ ବ୍ୟବହାର କରିବେ ସେନେଇ ଅଧିକ ଯତ୍ନବାନ ହେବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗମୀ ଦିନରେ ଯେପରି ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆସିବ ସେନେଇ ଏକ ସ୍ୱତନ୍ତ୍ର ରୋଡ଼ମ୍ୟାପ ପ୍ରସ୍ତୁତ କରାଯିବ। ଏସସିବିରେ ଡାକ୍ତର ଅଭାବ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାବ୍ୟତୀତ ଏସସିବି ସମ୍ପ୍ରସାରଣ ପ୍ରୋଜେକ୍ଟ ଉପରେ ଆଲୋଚନା ପରେ ସ୍ଥିତି ଅନୁଧ୍ୟାନ କରାଯାଇ କାର୍ଯ୍ୟର ସମୀକ୍ଷା କରାଯିବ। ଏହାସହ କୋରାପୁଟ, ରାୟଗଡ଼ା ଓ କଳାହାଣ୍ଡିରେ ଡିପ୍ଥେରିଆ। ଆୟତ୍ତରେ ରହିଛି ଓ ସମ୍ବଲପୁରରେ ଜଣ୍ଡିସ ବ୍ୟାପିବା ଉପରେ ଜିଲାପାଳଙ୍କ ସହ ଆଲୋଚନା କରାଯାଇଥିବା ମନ୍ତ୍ରୀ କହିଛନ୍ତି।

## ବେଦାନ୍ତ ପକ୍ଷରୁ ରକ୍ତଦାନ ଅଭିଯାନ

**ଭୁବନେଶ୍ୱର,୨୬।୬ :** ବିଶ୍ୱ ରକ୍ତଦାତା ଦିବସ ଅବସରରେ ବେଦାନ୍ତ ସେସା ଗୋଆ ଆଇରନ ଓର ଓଡିଶା (ଆଇଓଓ), ଓଡିଶା ରକ୍ତ କେନ୍ଦ୍ର (ସବ-ଡିଭିଜନାଲ ବୋନାଇ) ସହିତ ମିଳିତ ଭାବରେ ଦିନକିଆ ରକ୍ତଦାନ ଅଭିଯାନ ଆଇଓଓ ପରିସରରେ ଆୟୋଜିତ କରିଥିଲା। ସ୍ଥାନୀୟ ରକ୍ତ ଯୋଗାଣକୁ ବୃଦ୍ଧି କରିବା ଏବଂ ଗୋଷ୍ଠୀଙ୍କର ସ୍ୱାସ୍ଥ୍ୟ ପ୍ରତିପୋଷଣ ପାଇଁ ଏହି ଅଭିଯାନରେ ସ୍ୱେଚ୍ଛାସେବୀ ଏବଂ ରକ୍ତଦାତାମାନଙ୍କ ମଧ୍ୟରେ ସକାରାତ୍ମକ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା।

ଏହି କାର୍ଯ୍ୟକ୍ରମରେ କର୍ମଚାରୀ, ବ୍ୟବସାୟିକ ଭାଗିଦାରୀ ଏବଂ ବିଭିନ୍ନ ହିତାଧିକାରୀ ଏକତ୍ରିତ ହୋଇ 'ଗିଫ୍ଟ ଅଫ୍ ଲାଇଫ'(ଜୀବନର ଉପହାର)ର ଭଣ୍ଡାରରେ ଯୋଗଦାନ କରିବାର ସାଧାରଣ ଲକ୍ଷ୍ୟ ରଖିଥିଲେ। ବିଶ୍ୱ ରକ୍ତଦାତା ଦିବସର ବିଶ୍ୱସ୍ତରୀୟ ଉତ୍ସବ ମଧ୍ୟରେ ଅଂଶଗ୍ରହଣକାରୀମାନେ ଜୀବନ ରକ୍ଷାକାରୀ ଦାନର ମହତ୍ୱକୁ ପ୍ରତୀକ ଭାବେ ଗ୍ରହଣ କରି ଦୟା ଏବଂ ଏକତାର ଏକ ଅପୂର୍ବ ଉତ୍ସାହ ପ୍ରଦର୍ଶନ କରିଥିଲେ। ଏହି ଦିନକିଆ ଅଭିଯାନ ଶେଷ ହେବା ପରେ ସମୁଦାୟ ୫୯ ୟୁନିଟ ରକ୍ତ ସଂଗ୍ରହ କରାଯାଇ ସ୍ଥାନୀୟ ବ୍ଲଡ ବ୍ୟାଙ୍କର ଭଣ୍ଡାରରେ ବିଶେଷ ଅବଦାନ ଭାବେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ସେସା ଗୋଆ ଆଇଓଓର ସିଓଓ ବିଶ୍ୱନାଥ ସାହୁ କହିଲେ, ଏହି ରକ୍ତ ଦାନ ଅଭିଯାନ ଆମେ ସେବା କରୁଥିବା ଗୋଷ୍ଠୀର କଲ୍ୟାଣ ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାର ଉଦାହରଣ ଅଟେ। ଓଡିଶା ରକ୍ତ କେନ୍ଦ୍ର ସହ ସହଭାଗୀତା କରି ଆମେ କେବଳ ସ୍ଥାନୀୟ ବ୍ଲଡ ବ୍ୟାଙ୍କକୁ ସୁଦୃଢ଼ କରିନାହୁଁ ବରଂ ଗୁରୁତର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି କର୍ପୋରେଟ ସାମାଜିକ ଦାୟିତ୍ୱବୋଧର ଗୁରୁତ୍ୱକୁ ମଧ୍ୟ ଦର୍ଶାଇଛୁ।

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାବଳୀ ସମୀକ୍ଷା

**ଭୁବନେଶ୍ୱର,୨୬।୬ (ମହାଭାରତ):** ଓଡିଶାର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବୃଦ୍ଧି ପାଇବ ଶିକ୍ଷାର ମାନ। ଏଥିପାଇଁ ପ୍ରସ୍ତୁତ ହେଉଛି ସ୍ୱତନ୍ତ୍ର ରୂପରେଖ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାର ସମୀକ୍ଷା କରିବା ସହିତ ଭିତ୍ତିଭୂମି, ଶୈକ୍ଷିକ ପରିବେଶ, ବିଦ୍ୟାଳୟ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବଙ୍କ ସମେତ ଅତିରିକ୍ତ ସଚିବ, ଯୁଗ୍ମ ସଚିବ, ବିତ୍ତ ପରାମର୍ଶଦାତା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍. ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ଅବଗତ କରାଇଛନ୍ତି। ବିଭାଗ ଅଧୀନରେ ସମସ୍ତ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ କରାଯିବ, ସେ ନେଇ ମନ୍ତ୍ରୀ ବିଚାରବିମର୍ଶ କରିଛନ୍ତି। ଆଗାମୀ ପାଞ୍ଚବର୍ଷ ପାଇଁ ଯୋଜନା ଖସଡ଼ା ପ୍ରସ୍ତୁତ ହୋଇଛି । ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନର ବ୍ୟବସ୍ଥା ହିଁ ରାଜ୍ୟ ସରକାରଙ୍କ ପ୍ରାଥମିକତା, ଏ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ବିଭିନ୍ନ କାରଣରୁ ବନ୍ଦ କରାଯାଇଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସମୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଉଚ୍ଚ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିରେ ହୋଇଥିବା ପରିବର୍ତ୍ତନକୁ ଦୀର୍ଘସ୍ଥାୟୀ କରିବା ସହ ଆଗାମୀ ଦିନରେ ପ୍ରତ୍ୟେକଟି ଶ୍ରେଣୀଗୃହରେ ସ୍ମାର୍ଟ ବୋର୍ଡ, ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଢାଞ୍ଚାରେ ଶିକ୍ଷାଦାନ ଆଦିକୁ ନେଇ ଯୋଜନା ପ୍ରସ୍ତୁତ କରାଯାଉଛି । ସେହିପରି ପାଠାଗାର ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ମଧ୍ୟ ଯୋଜନା ରହିଛି । କୋଡିଂ, ପ୍ରକଳ୍ପ ଭିତ୍ତିକ ପାଠ୍ୟକ୍ରମ, ଜୀବନ କୌଶଳ ଆଧାରିତ ଶିକ୍ଷା, ଭାଷାଭିତ୍ତିକ ସୃଜନଶୀଳତାକୁ ପ୍ରଧାନ୍ୟ ଦେଇ ଆକାଂକ୍ଷୀ ପାଠ୍ୟକ୍ରମକୁ ପ୍ରତ୍ୟେକ ବି'ୀାଳୟରେ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ଆଗାମୀ ଶିକ୍ଷାବର୍ଷରେ ସମସ୍ତ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଠିକ୍ ସମୟରେ ଯେପରି ବହି ପହଞ୍ଚିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ଗଣ୍ଡ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାଥମିକ ବିଦ୍ୟାଳୟଗୁଡିକର ଭିତ୍ତିଭୂମିର ବିକାଶ ସହିତ ଛାତ୍ରଛାତ୍ରୀମାନଙ୍କୁ କିପରି ଉନ୍ନତମାନର ଶିକ୍ଷା ମିଳିପାରିବ ସେ ସମ୍ବନ୍ଧରେ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଛି। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପଯୋଗୀ ଶ୍ରେଣୀଗୃହ ସ୍ଥାପନା ଦିଗରେ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସ୍ୱତନ୍ତ୍ର ଭାବେ ଏକ ଆସେଟ୍ ମ୍ୟାନେଜମେଣ୍ଟ ସଫ୍ଟୱେର ବିକାଶ କରାଯାଉଛି ଯାହା ଶିକ୍ଷା କ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ଆଣିବ । ଗଣଶିକ୍ଷା ବିଭାଗ ଅଧୀନରେ ଆଦର୍ଶ ବିଦ୍ୟାଳୟକୁ ନୂତନ ରୂପ ଦିଆଯିବ । ସେହପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ବିଶେଷକରି ଛାତ୍ରମାନଙ୍କ ପାଇଁ ଆବାସିକ ସୁବିଧାକୁ ସୁଦୃଢ଼ କରିବା ଉପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଗୁରୁତ୍ୱ ଦେଇଛନ୍ତି । ସମସ୍ତ ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସଗୁଡ଼ିକ ଯଥା ସମୟରେ କାର୍ଯ୍ୟକ୍ଷମ ହେବା ନେଇ ଆଲୋଚନା କରାଯାଇଛି । ସ୍ଥାନୀୟ ଅଞ୍ଚଳକୁ ଭିତ୍ତିକରି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବର୍ତ୍ତିତ କରାଯିବା ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି । ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଇ-ବିଷୟବସ୍ତୁର ୱେବ୍ ପ୍ରକାଶନ କରାଯିବ । ସରକାରୀ ୱେବସାଇଟ ମାଧ୍ୟମରେ ଏହି ପାଠ୍ୟ ପୁସ୍ତକଗୁଡ଼ିକ ଉପଲବ୍ଧ କରାଯିବ । ଏହା ବ୍ୟତୀତ ମାର୍କ ସିଟ୍ ଓ ସାର୍ଟିଫିକେଟ୍ଗୁଡ଼ିକ ପାଇବା ପାଇଁ ଅନଲାଇନରେ ଉପୁଜୁଥିବା ସମସ୍ୟାର ସମାଧାନ ହେବ ।



# ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ

ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ସହ କାଶ୍ମୀର ପରିସ୍ଥିତିରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ କଠୋର ଆଭିମୁଖ୍ୟ ଏବଂ ଆତଙ୍କବାଦ ଦମନ ଲାଗି କ୍ରମାଗତ ପ୍ରୟାସ ଯୋଗୁ ଉପତ୍ୟକାରେ ଆତଙ୍କବାଦୀ କାର୍ଯ୍ୟକଳାପ ବହୁ ମାତ୍ରାରେ କମିଛି। ନିକଟରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ବିପୁଳ ମତଦାନ ପ୍ରମାଣ କରୁଛି ଯେ, କାଶ୍ମୀରବାସୀ ଦେଶର ମୁଖ୍ୟସ୍ରୋତରେ ଅଛନ୍ତି। ଦେଶର ସମ୍ବିଧାନ ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ରହିଛି। କାଶ୍ମୀରରେ ସୁରକ୍ଷା ବାହିନୀ ଉପରକୁ ଟେକା ପଥର ମାଡ଼ ଏବେ ଇତିହାସ। ଏହା ସମ୍ଭବ ହୋଇଛି ମୋଦି ସରକାରଙ୍କ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତି ଯୋଗୁ। ଏଥିରେ ବିଚଳିତ ହୋଇ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ସେମାନଙ୍କ ସ୍ଥିତି ଜାହିର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଗତ ସପ୍ତାହକ ଭିତରେ ଘଟିଥିବା ଆତଙ୍କବାଦୀଙ୍କ ଆକ୍ରମଣରେ ଅନେକ ସାଧାରଣ ଲୋକ ଏବଂ ଜଣେ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ଏହା ପରେ ଗୃହମନ୍ତ୍ରୀ ଅମିତ ଶାହା ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତିକୁ ସେ ଦୋହରାଇଛନ୍ତି। ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସେ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆତଙ୍କବାଦୀଙ୍କୁ ଉପଯୁକ୍ତ ଜବାବ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, କାଶ୍ମୀର ଉପତ୍ୟକାରେ ଆତଙ୍କୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଧିକାଂଶ ହେଉଛନ୍ତି ଅନୁପ୍ରବେଶକାରୀ ବିଦେଶୀ ନାଗରିକ। ତେଣୁ କାଶ୍ମୀର ଉପତ୍ୟକାରେ ଆତଙ୍କବାଦର ଦମନ ଲାଗି ପ୍ରଥମେ ଅନୁପ୍ରବେଶକୁ ରୋକାଯିବା ଜରୁରୀ। ଏଥିଲାଗି ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବା ଉଚିତ। ସେହିପରି ଗତ ୩ ମାସ ମଧ୍ୟରେ ଦେଶର ବିଭିନ୍ନ ମାଓ ଉପଦ୍ରୁତ ରାଜ୍ୟରେ ଅନେକ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଛନ୍ତି। ମାଓବାଦୀଙ୍କ ସହ ଅଧିକାଂଶ ଏନକାଉଣ୍ଟର ଛତିଶଗଡ଼ରେ ହୋଇଛି। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କକ ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ଆତଙ୍କବାଦର ମୁକାବିଲା ସହଜ ହୋଇପାରିବ। ଅତୀତରେ କାଶ୍ମୀର ଉପତ୍ୟକାରେ ସୁରକ୍ଷା ବାହିନୀକୁ ଏଭଳି ସହଯୋଗ ମିଳୁନଥିଲା। ସାଧାରଣ ଜନତା ସ୍ୱଇଚ୍ଛାରେ ହେଉ ବା ବାଧ୍ୟବାଧକତାରେ ହେଉ ଆତଙ୍କବାଦୀଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ। ଏବେ ସେ ପରିସ୍ଥିତିରେ ପରିବର୍ତ୍ତନ ଆସିଛି। କାଶ୍ମୀରବାସୀ ଏବେ ସୁରକ୍ଷାବାହିନୀକୁ ସହାୟତାର ହାତ ବଢ଼ାଉଛନ୍ତି।

# ଗରିବଙ୍କ ସଂଖ୍ୟାକୁ ନେଇ ବିରୋଧାଭାଷ

**॥ ଗୋପାଳ ମହାପାତ୍ର ॥**

*ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ ।*

ଆମ ଦେଶର ଅର୍ଥବ୍ୟବସ୍ଥା ଦୃତଗତିରେ ବଢୁଛି । ଦେଶ ସବୁ କ୍ଷେତ୍ରରେ ନୂଆ ନୂଆ ଉପଲବ୍ଧି ହାସଲ କରୁଛି । କିନ୍ତୁ ସବୁ ପରେ ମଧ ଦେଶରୁ ଦାରିଦ୍ର୍ୟ ହଟାଇବା ଦିଗରେ କୌଣସି ଠୋସ୍ ଫର୍ମୁଲା ଆମ ପାଖରେ ନାହିଁ । ବିଗତ ୭୫ବର୍ଷ ମଧରେ ଅନେକ ଦଳ ଦେଶର ଶାସନ ଗାଦିରେ ବସିଛନ୍ତି । ସମସ୍ତେ ଦାରିଦ୍ର୍ୟ ଦୂରୀକରଣ କଥା କହିଛନ୍ତି । ଅବସ୍ଥା କିଛି ମାତ୍ରାରେ ସୁଧୁରିଥିଲେ ମଧ ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ଅନେକ ସମୟରେ ଚର୍ଚ୍ଚା ହୁଏ ଯେ ଦେଶରୁ ଦାରିଦ୍ର୍ୟ ହଟିଛି ନା ବଢ଼ିଛି ? ଏ ପ୍ରସଙ୍ଗକୁ ନେଇ ଅନେକ ତର୍ଜମା ମଧ କରାଯାଉଛି, କିନ୍ତୁ ଦେଶର ଜନସାଧାରଣ ମଧ ପ୍ରକୃତ କଥା ଜାଣିବା ଉଚିତ୍ ଯେ ଦେଶରୁ ଦାରିଦ୍ର୍ୟକମିଛି ନା ବଢ଼ିଛି ଓ ଯଦି କମିଛି କେତେ କମିଛି ? କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ଆଜମିର ଠାରେ ଏକ ଜନସମାବେଶରେ କହିଥିଲେ ଯେ ଦେଶରୁ ଅତି ଗରୀବଙ୍କ ସଂଖ୍ୟା କମିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏହି କଥାକୁ ବିରୋଧି ଦଳ ରାଜନୈତିକ ଭାଷଣର ଆଖ୍ୟା ଦେଇଛନ୍ତି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ ସାର୍ବଜନୀନ ଭାବେ (ସାଧାରଣ ସଭାରେ) ଏକଥା କହିଛନ୍ତି ସେତେବେଳେ ତାଙ୍କ କଥାର ଆଧାର/ସତ୍ୟତା ନିଶ୍ଚୟ ଥିବ । ୧୯୭୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ' ସ୍ଲୋଗାନ ଦେଇ ନିର୍ବାଚନ ଜିଣିଥିଲେ । ତା ପରଠାରୁ ଯିଏ ସରକାରକୁ ଆସିଛନ୍ତି ସେଇ ଏକକଥା କହିଛନ୍ତି ।

ତଥ୍ୟ ଅନୁସାରେ ୧୯୫୬-୫୭ରେ ଦେଶରେ ୨୧.୫ କୋଟି ଅର୍ଥାତ୍ ଦେଶର ସମୁଦାୟ ଜନସଂଖ୍ୟାର ପାଖାପାଖି ୮୦ ପ୍ରତିଶତ ଗରୀବ ଥିଲେ । ୧୯୭୩-୭୪ରେ ୫୫ ପ୍ରତିଶତ ଲୋକ ଗରୀବ ବା ଦାରିଦ୍ର୍ୟ ସୀମାରଖା ତଳେ ଥିଲେ । ୧୯୮୩ରେ ଏହି ସଂଖ୍ୟା ୪୫ ପ୍ରତିଶତକୁ ଖସିଆସିଥିଲା । ୧୯୯୯-୨୦୦୦ରେ ସଂଖ୍ୟା ପୁଣି କମି ୨୨ ପ୍ରତିଶତରେ ପହଞ୍ଚିଥିଲା । ୨୦୧୧-୧୨ରେ ୨୧.୯ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦାରିଦ୍ର୍ୟ ସୀମାରେଖା ବାବଦରେ ଏହି ତଥ୍ୟ ଶେଷଥର ପାଇଁ ୨୦୧୧-୧୨ରେ ଜାରି କରାଯାଇଥିଲା । ଅର୍ଥାତ୍ ୨୦୧୧-୧୨ପରେ ଏ ବାବଦରେ ସରକାରୀ ସ୍ତରରେ କୌଣସି ତଥ୍ୟଜାରି କରାଯାଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଆଜମିର ସମାବେଶର ଭାଷଣକୁ ବିରୋଧି ବିରୋଧ କରିବାର କାରଣ ରହିଛି । କାରଣ ହେଉଛି ଏବେ ବି ପାଖାପାଖି ୨୨କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କୁହାଯାଉଛି । ଭାରତ ସରକାର ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ଓ ତତ୍ୟକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଏ ପ୍ରସଙ୍ଗରେ ସରକାରୀ ସ୍ତରରେ ସର୍ବେକ୍ଷଣ ଚାଲିଛି ଓ ୨୦୨୪ ପର୍ଯ୍ୟନ୍ତ ଚାଲିବ । କିଛି ତଥ୍ୟ ପ୍ରକାଶ ପାଇବ ନିଶ୍ଚୟ । କିନ୍ତୁ ଏ ବାବଦରେ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ ସାଧାରଣ ଲୋକସଭା ନିର୍ବାଚନ ସରିଯାଇଥିବ ଏବଂ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବ ।

ଭାରତର ଗରୀବ ଲୋକଙ୍କ ସଂଖ୍ୟା ବାବଦରେ ଅନେକ ସଂସ୍ଥା ରିପୋର୍ଟ ଜାରି କରିଛନ୍ତି । କିନ୍ତୁ ରିପୋର୍ଟର ସଂଖ୍ୟାଠାରୁ ଗରୀବ ଲୋକଙ୍କ ସଂଖ୍ୟା ଅଧିକ ହେବ ବୋଲି ଅନେକ ବିଶେଷଜ୍ଞଙ୍କ ମତ । କାରଣ କୋରୋନା ମହାମାରୀ ପରେ ଦେଶର ୫.୬୦କୋଟି ଲୋକଙ୍କ ସ୍ଥିତି ଖରାପ ହୋଇଯାଇଛି ଓ ଏମାନେ ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲିଯାଇଛନ୍ତି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଗତ ୧୫ ବର୍ଷ ମଧରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠି ଆସିଛନ୍ତି । ଜାତିସଂଘ ପକ୍ଷରୁ ଏଇ କିଛିଦିନ ତଳେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୦୫-୦୬ରୁ ୨୦୧୯-୨୦ ମଧରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତରେ ଐତିହାସିକ ପରିବର୍ତ୍ତନ ଘଟିଛି ଓ ଗରୀବଙ୍କ ସଂଖ୍ୟା ୪୧.୫କୋଟି କମିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୦୨୦ର ଜନସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଭାରତରେ ୨୨.୮ କୋଟି ଗରୀବ ଲୋକ ଅଛନ୍ତି । ଭାରତ ପରେ ରହିଛି ନାଇଜେରିଆ । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶ ସତ୍ୱେ ଭାରତର ଲୋକେ କୋରୋନା ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଖାଦ୍ୟାନ୍ନର ଅଭାବ, ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଭାରତରେ ପୋଷଣ ଏବଂ ଶକ୍ତି ସମସ୍ୟା ରହିଛି ଓ ଏ ବାବଦରେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧରେ ତାଳମେଳ ନାହିଁ । ଆମେରିକାର ଅର୍ଥନୀତି ବିଶେଷଜ୍ଞ ନୋହ ସ୍ମିଥଙ୍କ ଅନୁସାରେ ବିଗତ ୬ବର୍ଷ ମଧରେ ଭାରତର ଗରୀବ ଲୋକଙ୍କ ସଂଖ୍ୟା କମି ଦେଢ଼କୋଟିରେ ପହଞ୍ଚିଛି । ଗତ ବର୍ଷ ଲୋକସଭାରେ କେନ୍ଦ୍ର ସରକାର ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏ ସମ୍ପର୍କୀତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗ୍ରାମ୍ୟବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଦେଶର ୨୨ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକସଭାରେ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ଯେ ଦେଶ ସ୍ୱାଧିନ ହେବା ବେଳେ ୨୫କୋଟି ଗରୀବ ଥିଲେ । ଏବେ ୨୬.୯ କୋଟି ଗରୀବ ଅଛନ୍ତି । ଦେଶରେ ୪୩ କୋଟି ଶ୍ରମିକ ଅଛନ୍ତି । ଏମାନଙ୍କ ମଧରୁ ଅର୍ଦ୍ଧାଧିକ ଲୋକଙ୍କୁ ନିୟମିତ କାମ ମିଳୁନାହିଁ । ଦେଶର ଜନସଂଖ୍ୟା ୧୪୨କୋଟିରୁ ଅଧିକ ହେଲାଣି । ଏମାନଙ୍କୁ ମଧରୁ ପାଖାପାଖି ୪୧ କୋଟି ଲୋକ ଚାକିରୀ କରିଛନ୍ତି ବୋଲି ତଥ୍ୟ ରହିଛି ହେଲେ ଏହି ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଦେଶର ବେରୋଜଗାରୀ ହାର ୮ ପ୍ରତିଶତ ପାର କରିଗଲାଣି । ଏସବୁ ରିପୋର୍ଟରେ ପୂର୍ବାଗ୍ରହ ଥାଇପାରେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧକ୍ଷ ବିବେକ ଦେବରାୟଙ୍କ ମତରେ ଦେଶର ୧୮ ପ୍ରତିଶତ ଲୋକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପ୍ରଶ୍ନ ହେଉଛି ଏସବୁ ତଥ୍ୟ ପରେ ପ୍ରତିବର୍ଷ ବିପିଏଲ୍ ତାଲିକା ଲମ୍ବିବାରେ ଲାଗିଛି କାହିଁକି ? କେନ୍ଦ୍ର ସରକାର ଦେଶର ପାଖାପାଖି ୮୦କୋଟି ଲୋକଙ୍କୁ ମାଗଣା ଚାଉଳ/ଗହମ ଦେଉଛନ୍ତି କାହିଁକି ?

ଏଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ତର୍ଜମା କଲେ 'ଅତି ଗରିବଙ୍କ ସଂଖ୍ୟା କମିଛି ଓ ଏହାର ଦୂରୀକରଣ ଖୁବ୍ ଶୀଘ୍ର' କଥାକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଅତି ଗରିବଙ୍କ ସଂଖ୍ୟା କେମିତି କମିବ ସେ ବାବଦରେ ମଧ କିଛି କହିନଥିଲେ । ଦେଶରେ ଧନକୁବେରଙ୍କ ସଂଖ୍ୟା ୧୬୦ରୁ ଅଧିକ ହେଲାଣି କିନ୍ତୁ ଦେଶର ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶୀକାର । ୬ରୁ ୨୩ ମାସର ମାତ୍ର ୧୧ ପ୍ରତିଶତ ଶିଶୁଙ୍କୁ ପୁରାମାତ୍ରାରେ ଖାଦ୍ୟ ମିଳୁଥିବା ବେଳେ ଅନ୍ୟମାନେ କୁପୋଷଣର ଶୀକାର । ୩୫ ପ୍ରତିଶତଙ୍କୁ ନିୟମିତ କାମ ମିଳୁଛି । ଅନ୍ୟମାନେ ଅଣ ସଂଗଠିତ ଶ୍ରମିକ । ମନରେଗା ଯୋଜନାରେ ମଧ ଏମାନଙ୍କୁ ନିୟମିତ କାମ ମିଳୁନାହିଁ । ଏସବୁ ବିରୋଧାଭାଷ ଥିବା ବେଳେ ଗରୀବଙ୍କ ସଂଖ୍ୟା କମିଛି ବୋଲି ଦିଆଯାଉଥିବା ତଥ୍ୟ (ରିପୋର୍ଟ) ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ । ସୁଖଦ କଥା ହେଉଛି ୨୦୨୨-୨୩ରେ ଭାରତର ଆର୍ଥୀକ ବିକାଶ ହାର ୭.୨ ପ୍ରତିଶତ ରହିଛି, ବିଶ୍ୱସ୍ତରରେ ଏହା ହେଉଛି ସର୍ବାଧିକ ଏବଂ ଦୃତ ବିକାଶ ହାର । ଫ୍ରାନ୍ସ, ବ୍ରିଟେନ ଏବଂ ଜର୍ମାନୀ ୧ ପ୍ରତିଶତରେ ରହିଛି ଏପରିକି ଚୀନର ବିକାଶ ହାର ଠାରୁ ଭାରତର ବିକାଶ ହାର ଦେଢ଼ଗୁଣା ହୋଇଛି । କୃଷିର ବିକାଶ ହାର ବଢ଼ିଛି । ଦେଶର ଉଦ୍ୟାଗ କ୍ଷେତ୍ର ମଧ ବିକାଶ କରିଛି । କିନ୍ତୁ ପ୍ରଶ୍ନ ଉଠୁଛି ଯେ ବିକାଶ ଏବଂ ଅର୍ଥବ୍ୟବସ୍ଥାର ବିସ୍ତାରର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁନାହିଁ କାହିଁକି ? ଯଦି ଏହାର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଥାନ୍ତା ତେବେ ଦେଶରୁ ଗରୀବ ଲୋକଙ୍କ ସଂଖ୍ୟା କମିଥାନ୍ତା ନିଶ୍ଚୟ । ପ୍ରଧାନମନ୍ତ୍ରୀ ସାର୍ବଜନୀକ ମଞ୍ଚରେ ଯାହା କହିଲେ ତାର ଠୋସ୍ ଆଧାର ଥିବ ନିଶ୍ଚୟ । ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି । ଏଣୁ ଆଶା କରାଯାଇପାରେ ଯେ କେନ୍ଦ୍ର ସରକାର ଏ ବାବଦରେ ଗୁରୁତ୍ୱର ସହ କିଛି ଠୋସ୍ ପଦକ୍ଷେପ ନେଇଛନ୍ତି ଅଥବା ନେବାକୁ ଯାଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ କଥା ଯଦି ସତ ତେବେ ଖୁବ୍ କମ୍ ଦିନରେ (ବର୍ଷରେ) ଦେଶରୁ ଦାରିଦ୍ର୍ୟ ଦୂରୀକରଣ ହୋଇଯିବ ଓ ଦେଶରେ ଆଉ ଗରୀବ ରହିବେ ନାହିଁ ।

ରାମଚନ୍ଦ୍ରପୁର ରଣପୁର
ମୋ-୯୪୩୮୪୮୫୦୯୪

# ବଦଳିବ ପୁରୁଣା ଦଣ୍ଡ ସଂହିତା

**॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥**

ଆମ ଦେଶରେ କେଉଁ ଅପରାଧ ପାଇଁ କଣ ଦଣ୍ଡ ଦିଆଯିବ ତାହା ଭାରତୀୟ ଦଣ୍ଡ ସଂହିତା ଦ୍ୱାରା ହିଁ ସ୍ଥିର କରାଯାଇଥାଏ। ଦଣ୍ଡ ସଂହିତାରେ ୫୦୦ରୁ ଅଧିକ ଧାରା ରହିଛି ଓ ଭିନ୍ନ ଭିନ୍ନ ଅପରାଧ ପାଇଁ ଦଣ୍ଡ ବାବଦରେ ଉଲ୍ଲେଖ ରହିଛି। ପାଖାପାଖି ୧୬୦ ବର୍ଷର ପୁରୁଣା ଏହି ଦଣ୍ଡ ସଂହିତାରେ ଅନେକ ସମୟରେ ପରିବର୍ତ୍ତନ କରାଯାଇଛି, କିନ୍ତୁ ଏହାର ମୂଳ ସ୍ୱରୂପ ବଦଳି ନାହିଁ। ଏବେ କେନ୍ଦ୍ର ସରକାର ଏହି ଦଣ୍ଡ ସଂହିତାରେ ବ୍ୟାପକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ସଂସଦର ମୌସୁମୀ ଅଧିବେଶନ ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକସଭାରେ ଭାରତୀୟ ଦଣ୍ଡ ସଂହିତା (ଆଇ.ପିସି), ଦଣ୍ଡ ପ୍ରକ୍ରିୟା ସଂହିତା (ସି.ଆର.ପିସି) ଏବଂ ସାକ୍ଷ ଅଧିନିୟମ (ଏଭିଡେନସ ଆକ୍ଟ) ବଦଳରେ ୩ ନୂଆ ଆଇନ ଅଣାଯିବା ପାଇଁ ବିଧାୟକ ଆଗତ କରିଥିଲେ। ସଂସଦୀୟ ପ୍ରକ୍ରିୟା ପୁରଣ ହେବା ପରେ ଏହି ୩ ନୂଆ ଆଇନ୍ କାର୍ଯ୍ୟକାରୀ ହେବ। ଏଯାବତ୍ ୧୮୬୦ ମସିହାରେ ଇଂରେଜ ମାନେ ପ୍ରଣୟନ କରିଥିବା ଆଇନର ଆଧାରରେ ଦେଶର ଅପରାଧିକ ନ୍ୟାୟ ପ୍ରଣାଳି ଚାଲି ଆସୁଛି। ନୂଆ ଆଇନ୍ କାର୍ଯ୍ୟକାରୀ ହେଲେ ପୁରୁଣା ଆଇନ୍ର ପରିବର୍ତ୍ତନ ହେବ। ନୂଆ ଆଇନ୍ରେ ମହିଳା ମାନଙ୍କ ସୁରକ୍ଷା ପାଁଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏକଥା ମଧ ସତ୍ୟ ଯେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁ ବିଧାୟକ ଆଗତ କରିଛନ୍ତି ତାହା ସମୟରେ ଆବଶ୍ୟକତା। ଏବେର ଆଇନ୍ ଅନୁସାରେ କାହାରିକୁ ଅପରାଧି ଭାବେ ଗିରଫ କରାଗଲେ କେତେ ସମୟ (ଦିନ) ମଧରେ ମାମଲାର ବିଚାର ସରିବ ସେ ବାବଦରେ କିଛି ଉଲ୍ଲେଖ ନାହିଁ। କିନ୍ତୁ ନୂଆ ଆଇନ୍ ଅନୁସାରେ ଟ୍ରାଏଲ୍ କୋର୍ଟକୁ ୩ ବର୍ଷ ମଧରେ ବିଚାର କରିବାକୁ ପଡିବ। ଅନ୍ୟ ପକ୍ଷରେ ରାଜଦ୍ରୋହ ଆଇନ୍ ବଦଳରେ ଦେଶଦ୍ରୋହ ଆଇନ୍ କାର୍ଯ୍ୟକାରୀ ହେବ। ଭାରତୀୟ ଦଣ୍ଡ ସଂହିତାର ଅନେକ ଧାରାକୁ ବାଦ୍ ଦିଆଯାଇ ୩୫୬ଟି ଧାରା ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ। କିଛି ନୂଆ ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ। କିଛି ନୂଆ ଧାରା ମଧ ଯୋଡାଯିବ। ଛୋଟ ଛୋଟ ଅପରାଧ ପାଁଇ ଜେଲକୁ ପଠାଯିବା ପରିବର୍ତ୍ତେ ଦଣ୍ଡ ସ୍ୱରୂପ ସାମୁଦାୟିକ ସେବାର ପ୍ରାବଧାନ ରଖାଯିବ। ଏହିଭଳି ମବ୍ ଲିଂଚିଙ୍ଗ୍, ଲଭ ଜିହାଦ ଭଳି ମାମଲାରେ କଠିନ ଦଣ୍ଡର ବ୍ୟବସ୍ଥା ନୂଆ ଆଇନ୍ରେ ରହିଛି। ଦେଶର ଯେ କୌଣସି ସ୍ଥାନରେ ଏଫ୍.ଆଇ.ଆର୍ ଦରଜ କରାଯାଇ ପାରିବା ଭଳି ଅନେକ ପ୍ରାବଧାନ ରହିଛି। ଏହା ଫଳରେ ଅଦାଲତରେ ମାମଲାର ବୋଝ କମିବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯଦି ଅଧିବେଶନ ପ୍ରାରମ୍ଭର ଏହି ବିଧେୟକକୁ ଆଗତ କରିଥାନ୍ତେ ତେବେ ଲୋକସଭାରେ ଗୃହୀତ ହେବା ସହ ରାଜ୍ୟ ସଭାରେ ଗୃହୀତ ହୋଇପାରିଥାନ୍ତା। ଏବେ ଶୀତକାଳୀନ ଅଧିବେଶନ ପର୍ଯ୍ୟନ୍ତ ଅପେକ୍ଷା କ ରିବାକୁ ହେବ। ଅନେକ ଆଇନ୍ ବିଶାରଦ ଏହାକୁ ସ୍ୱାଗତ କରିଛନ୍ତି। ମୁଖ୍ୟ କଥା ହେଉଛି ବର୍ତ୍ତମାନର ପ୍ରଚଳିତ ଆଇନ୍ ୧୦୦ ବର୍ଷ ପୂର୍ବେ ପ୍ରଣୟନ କରାଯାଇଥିଲା ଓ ସମାଜର ବର୍ତ୍ତମାନର ସ୍ଥିତି ଅନୁସାରେ ଏଥିରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଦେଶ ସ୍ୱାଧୀନ ହେବା ପରେ ଇଂରେଜ ମାନଙ୍କ ଦ୍ୱାରା ପ୍ରଣୀତ ଅନେକ ଦେୱାନୀ ଏବଂ ଫୌଜଦାରୀ ଆଇନକୁ ଯଥାବତ୍ ସ୍ୱୀକାର କରାଯାଇଥିଲା। ଯଦିଓ ଅନେକ ସମୟରେ ଏଥିରେ କିଛି ସଂଶୋଧନ କରାଯାଇଥିଲା ତଥାପି ଆଇନ୍ର ମୂଳ ଢାଞ୍ଚା ଇଂରେଜ ଶାସନ ବେଳର ରହିଛି। ନ୍ୟାୟାଳୟର କାର୍ଯ୍ୟ ପ୍ରଣାଳୀରେ ମଧ ଔପନିବେଶିକ ସମୟର ଛାପ ରହିଛି। ବର୍ତ୍ତମାନ ସରକାର ନୂଆ ଆଇନ୍ ପାଇଁ ଯେଉଁ ବିଧେୟକ ଆଗତ କରିଛନ୍ତି ସେଥିରେ ମବ୍ ଲିଞ୍ଚିଙ୍ଗ୍ ଏବଂ ନାବାଳିକା ଙ୍କୁ ଦୁଷ୍କର୍ମ ଘଟଣାରେ ମୃତ୍ୟୁ ଦଣ୍ଡର ପ୍ରାବଧାନ ରଖାଯାଇଛି। ସରକାର ମବ୍ ଲିଞ୍ଚିଙ୍ଗ୍କୁ ହତ୍ୟା ବୋଲି ପରିଭାଷିତ କରିଛନ୍ତି। ଯେତେବେଳେ ୫ରୁ ଅଧିକ ଲୋକ ବା ଗୋଷ୍ଠୀ ଜାତି, ସମୁଦାୟ, ଲିଙ୍ଗ, ଭାଷାକୁ ଆଧାର କରି କାହାରିକୁ ହତ୍ୟା କରିଥାନ୍ତି ତାକୁ ମବ୍ ଲିଞ୍ଚିଙ୍ଗ୍ କୁହାଯାଇଥାଏ। ଏଥିପାଇଁ ଅପରାଧିଙ୍କୁ ୭ ବର୍ଷର ଜେଲଦଣ୍ଡ ଏବ ଅଧିକତମ ମୃତ୍ୟୁଦଣ୍ଡ ଏବଂ ଜୋରିମାନା ର ପ୍ରାବଧାନ ରଖାଯାଇଛି। ସାମୁହିକ ଦୁଷ୍କର୍ମ ମାମଲାରେ ଅପରାଧି ମାନଙ୍କୁ ୨୦ ବର୍ଷ ବା ଆଜୀବନ ଜେଲ ଦଣ୍ଡର ବ୍ୟବସ୍ଥା କରାଯାଇଛି। ୧୮ ବର୍ଷର ଯୁବତୀ ସହ ଦୁଷ୍କର୍ମ ମାମଲାରେ ଅଧିକତମ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା ରହିଛି।

ନୂଆ ଆଇନ୍ରେ ଜାଲିଆତି କରି ଦେଶ ଛାଡି ବିଦେଶକୁ ପଳାଇ ଯାଉଥିବା ଅପରାଧିଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା କରାଯାଇଛି। ନ୍ୟାୟଳୟରେ ଦେଶ ଛାଡି ପଳାଇ ଯାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତାଙ୍କ ଅନୁପସ୍ଥିତିରେ ମାମଲା ଚାଲି ପାରିବ ବୋଲି ନୂଆ ଆଇନରେ ଉଲ୍ଲେଖ ରହିଛି। ବର୍ତ୍ତମାନର ନ୍ୟାୟ ବ୍ୟବସ୍ଥାରେ ମାମଲାର ବିଚାର ସରିବା ପର୍ଯ୍ୟନ୍ତ କିଛି ଲୋକ ତାଙ୍କୁ ମିଳିବାକୁ ଥିବା ଦଣ୍ଡ ଅବଧି ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଜେଲରେ ବିଚାରଧିନ କଏଦୀ ଭାବେ ବିତାଇଥାନ୍ତି। ଅନେକ ନିର୍ଦ୍ଦୋଷ ବ୍ୟକ୍ତି ମଧ ଜେଲରେ ସଢୁଛନ୍ତି। ଅନ୍ୟ ପକ୍ଷରେ ଦୋଷୀ ନିର୍ଦ୍ଦ୍ୱନ୍ଦରେ ବୁଲୁଛନ୍ତି। ଏକ ପ୍ରକାର ମାମଲାରେ ଜଣକୁ ତୁରନ୍ତ ଜାମିନ ମିଳି ଯାଉଥିବା ବେଳେ କେତେକଙ୍କୁ ଜାମିନ ମିଳିପାରୁନାହିଁ। କାରଣ ହେଉଛି ଜାମିନ ପାଇଁ ଓକିଲ ଦେବାକୁ ତାଙ୍କ ପାଖରେ ଅର୍ଥର ଅଭାବ। ଏଣୁ ଦଣ୍ଡ ପ୍ରକ୍ରିୟା ସହ ଅଦାଲତି ବ୍ୟବସ୍ଥାର ମଧ ପରିବର୍ତ୍ତନ ଆବଶ୍ୟକ। ନ୍ୟାୟାଳୟ ବା ଅଦାଲତଙ୍କୁ ନିର୍ଦ୍ଧାରିତ ସମୟ ମଧରେ ମାମଲା ବିଚାର ପାଇଁ ବିଧେୟକରେ ଯେଉଁ ପ୍ରାବଧାନ ରଖାଯାଇଛି ତାହା ସ୍ୱାଗତ ଯୋଗ୍ୟ ନିଶ୍ଚୟ। ମୋଟାମୋଟି ଭାବେ କହିବାକୁ ଗଲେ ଦଣ୍ଡ ସଂହିତାରେ ପରିବର୍ତ୍ତନ ପାଇଁ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ଅନେକ ଚାଲେ ରହିଛି। ଏବେ ଅଦାଲତ ମାନଙ୍କରେ ଲକ୍ଷ ଲକ୍ଷ ମାମଲା ଲମ୍ବିତ ହୋଇ ରହିଛି। ଅଦାଲତ ମାନଙ୍କରେ ଆବଶ୍ୟକ ସଂଖ୍ୟକ ବିଚାରପତି ପଦବୀ ଖାଲି ପଡିଛି। ଅପରାଧର ତଦନ୍ତ ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମୀଙ୍କର ଅଭାବ ମଧ ରହିଛି। ଏସବୁର ସମାଧାନ ନହେବା ପର୍ଯ୍ୟନ୍ତ ନୂଆ ଆଇନ୍ର କାର୍ଯ୍ୟକାରୀତା ନେଇ ମଧ ଅବ୍ୟବସ୍ଥା ଦେଖାଯିବ।

ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

# ପରମହଂସ ପ୍ରଜ୍ଞାନାନନ୍ଦ

**॥ ହେମନ୍ତ କୁମାର ପରିଡ଼ା ॥**

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆତ୍ମମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ । ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏହିଭଳି ଜଣେ ସତ୍ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ । ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ । ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ । କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର । ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ 'ମା' ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି । ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ । ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା । ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ । ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ । ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧ୍ୟାପନା କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ । ଜଣେ ଦକ୍ଷ୍ୟ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା ।

ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା । ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ । ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ । ମା'ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ । ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି । ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ । ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତମ ଶିଷ୍ୟ ଥିଲେ । ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ । ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ । ପରମହଂସ ଅବସ୍ଥା ଆଧାତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି । ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ । ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ ।

ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ ।

ମାଳତୀ କୁଞ୍ଜ, ପ୍ଲଟ ନଂ. ୫୨୬/ଡି, ସେକ୍ଟର-୧୦, ସିଡ଼ିଏ, କଟକ-୧୪, ଦୂରଭାଷ : ୮୭୬୩୧୦୭୧୨୬

# ଦେଓଝରେ ପଞ୍ଚାୟତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ

## ଦୀର୍ଘ ଦିନ ଧରି ସମସ୍ୟାର ହୋଇପାରୁନାହିଁ ସମାଧାନ

**ଯୋଡା,(ମହାଭାରତ) :** ଯୋଡା ବ୍ଲକ ଦେଓଝରେ ପଞ୍ଚାୟତ ରାସ୍ତାକୁ ସ୍ଥାନୀୟ ବାସିନ୍ଦା ଅବରୋଧ କରିଥିବା ଦେଖିବାକୁ ମିଳିଛି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଭାରିଯାନ ଅଟକି ରହିଛି । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଏହି ପଞ୍ଚାୟତ ରାସ୍ତାରେ ୪ଟି ବୃହତ ଖଣି ଓ ଶିଳ୍ପ ସଂସ୍ଥା ରହିଛି । ସେମାନଙ୍କର ଭାରିଯାନ ଚଳାଚଳ ଯୋଗୁଁ ଧୂଳି, ଧୁଆଁରେ ଲୋକେ ଅତିଷ୍ଠ ହୋଇପଡିଲେଣି । ଏପରିକି ଏହି ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଘରେ ଭାତ ହାଣ୍ଡିରେ ମଧ୍ୟ ଧୂଳି ପଡିଯାଉଥିବାରୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବାରମ୍ବାର ଅଭିଯୋଗ ପରେ କମ୍ପାନୀମାନେ ରାସ୍ତାରେ ଜଳ ସିଞ୍ଚନ ନିମନ୍ତେ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ନିୟମିତ ଭାବେ ଜଳ ସିଞ୍ଚନ କରାଯାଉନାହିଁ । ଚୁକ୍ତି ମୁତାବକ ରାସ୍ତାରେ ସ୍ୱଚ୍ଛନ୍ଦ ଯାତାୟତ ନିମନ୍ତେ ସୁରକ୍ଷା କର୍ମି କମ୍ପାନୀମାନେ ଯୋଗାଇଦେବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଯୋଗାଦେଉନାହାନ୍ତି । ଫଳରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି । ଦୈନିକ ସ୍ଥାନୀୟ ବାସିନ୍ଦା ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏଥିପାଇଁ ଗତ ୨୦ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ ରାସ୍ତାଟିକୁ ବନ୍ଦ କରିଥିବା ବେଳେ ବିଭିନ୍ନ କମ୍ପାନୀର କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ଏହି ସମସ୍ୟାର ସମାଧାନ ପାଇଁ ୪ଦିନ ସମୟ ନେଇଥିଲେ । ଏହାର ସ୍ଥାୟି ସମାଧାନ ନିମନ୍ତେ ସିଆଳିଯୋଡା ଠାରେ ଦେଓଝର ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ସମାଧାନ କରାଯିବ ବୋଲି ଦିନ ଧାର୍ଯ୍ୟ କରାଯାଇଥିଲା । ତେବେ ଧାର୍ଯ୍ୟ ଦିନ କେବଳ ଜିନ୍ଦଲ ଅଧିକାରୀ ବ୍ୟତିତ ଅନ୍ୟ କୌଣସି କମ୍ପାନୀ ଅଧିକାରୀ ବୈଠକକୁ ଆସିନଥିଲେ । ଫଳରେ ଏହାର ସମାଧାନ ହୋଇନପାରିବାରୁ ସ୍ଥାନୀୟ ବାସିନ୍ଦା ଏହି ରାସ୍ତାଟିକୁ ସମ୍ପୂର୍ଣ୍ଣ ଅବରୋଧ କରିଥିବା ଜଣାପଡିଛି । ସୂଚନା ଯୋଗ୍ୟ, ବିଲେଇପଦା ୫୨୦ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଦେଓଝର ପଞ୍ଚାୟତର ବିଲେଇପଦା ଠାରୁ ଝାଡଖଣ୍ଡର ନୂଆମୁଣ୍ଡି ଭାୟା ମୂର୍ଗା ମହାଦେବ ପଞ୍ଚାୟତ ରାସ୍ତାଟି ମରଣଯନ୍ତା ପାଲଟିଛି । ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରିଯାନ ଚଳାଚଳ ଯୋଗୁଁ ଧୂଳି, ଧୁଆଁରେ ସ୍ଥାନୀୟ ବାସିନ୍ଦା ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପୂର୍ବରୁ ଏହି ରାସ୍ତାଟି ନଥିବା ବେଳେ କେତେ ଜଣ ସ୍ଥାନୀୟ ବାସିନ୍ଦା ନିଜର ପୈତୃକ ଜମି ସ୍ଥାନୀୟ ଲୋକଙ୍କ ଚଳପ୍ରଚଳରେ ସ୍ୱଚ୍ଛନ୍ଦ ପାଇଁ ସରକାରଙ୍କୁ ହସ୍ତାନ୍ତର କରି ଏହି ରାସ୍ତାର ନିର୍ମାଣର ସୁଯୋଗ ଦେଇଥିଲା । ତେବେ ରାସ୍ତା ନିର୍ମାଣ ପରେ ଏହାକୁ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥା ବ୍ୟବହାର କରିଆସୁଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ପଞ୍ଚାୟତ ରାସ୍ତାରେ ଭାରିଯାନ ଚଳାଚଳ ନିଶିଦ୍ଧ ଥିବା ବେଳେ ଏହାକୁ ଅଣଦେଖା କରି ଏହି କମ୍ପାନୀମାନେ ଜୋରଜବରଦସ୍ତ ଏହି ରାସ୍ତାରେ ଭାରିଯାନ ଲୁହାପଥର ପରିବହନରେ ଚଳାଇଆସୁଛନ୍ତି । ଭାରିଯାନ ଚଳାଚଳ ଯୋଗୁଁ ରାସ୍ତାଟି ସମ୍ପୂର୍ଣ୍ଣ ଭାଙ୍ଗି ତୁଟି ଯାଇ ବଡ ବଡ ଖାଲ ଖମାରେ ପରିପୂର୍ଣ୍ଣ ହୋଇପଡିଛି । ବର୍ଷା ଦିନେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଥିବା ବେଳେ ମୋଟରସାଇକେଲଟିଏ କିମ୍ବା ୪ ଚକିଆ ଯାନ ଟିଏ ଜିବା କଷ୍ଟକର ହୋଇପଡିଛି । ଫଳରେ ଦୈନିକ ଏହି ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ଦେଖାଯାଇଛି। ଏହି ରାସ୍ତା କଡରେ ରାଜ୍ୟର ଅନ୍ୟତମ ବିଶିଷ୍ଟ ପର୍ଯ୍ୟଟନ କେନ୍ଦ୍ର ମୂର୍ଗା ମହାଦେବ ଅବସ୍ଥିତ ଥିବା ବେଳେ ଏଠାକୁ ଦୈନିକ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । ଏହି ରାସ୍ତାର ଦୂରବସ୍ଥା ଦେଖି ପର୍ଯ୍ୟଟକମାନେ ନାକ ଟେକୁଥିବା ଏବେ ଜାଣିବାକୁ ମିଳିଛି । ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଟାଟା କମ୍ପାନୀଙ୍କ କାଟାମାଟି ଲୌହ ଖଣି, ଡିଆର ପଟ୍ଟନାୟକଙ୍କ ମୂର୍ଗାବେଡା ଲୌହ ଖଣି, ଜିନ୍ଦଲ କମ୍ପାନୀର ପିଲେଟ କାରଖାନା ଓ କ୍ରାକର୍ସ ଇଣ୍ଡିଆ ଭଳି ୪ଟି ବୃହତ ଖଣି ଓ ଶିଳ୍ପ ସଂସ୍ଥା ରହିଥିଲେ ମଧ୍ୟ ସେମାନେ ଏହି ରାସ୍ତାର ରକ୍ଷଣା ବେକ୍ଷଣରେ କୌଣସି ରୁଚି ଦେଖାଇନଥାନ୍ତି ବୋଲି ଅଭିଯୋଗ ହୋଇଛି । କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ କ୍ଷେତ୍ରରେ ପ୍ରଭାବିତ ଗ୍ରାମରେ କୌଣସି ଆଖି ଦୃଶିଆ ବିକାଶ ଦେଖିବାକୁ ମିଳିନଥାଏ । ଅନ୍ୟପକ୍ଷରେ କମ୍ପାନୀ



ଦୀର୍ଘ ବର୍ଷ ଧରି ଏହି ଖଣିରୁ କୋଟି କୋଟି ଟଙ୍କା ଆୟ କରିଆସୁଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ସେଭଳି ପଦକ୍ଷେପ ଗ୍ରହଣ କରିନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଜିନ୍ଦଲ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ଅଧିକାରୀ ପ୍ରଣବ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଜିନ୍ଦଲ କମ୍ପାନୀ ଉକ୍ତ ରାସ୍ତାରେ ସ୍ୱଚ୍ଛନ୍ଦ ଯାତାୟତ ନିମନ୍ତେ ସୁରକ୍ଷା କର୍ମି ଯୋଗାଇଦେବା ସହ ନିୟମିତ ଜଳ ସିଞ୍ଚନ ସହିତ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା କରିଥିବା ସେ କହିଥିଲେ । ସେହିପରି ଟାଟା କମ୍ପାନୀ ଅଧିକାରୀ କହିଥିଲେ ଯେ, ତାଙ୍କ ଖଣିରୁ ମୂର୍ଗା ମହାଦେବ ପର୍ଯ୍ୟନ୍ତ ଢଳେଇ ରାସ୍ତାଟି କମ୍ପାନୀ ଦ୍ୱାରା କରାଯାଇ ଏହାର ରକ୍ଷଣା ବେକ୍ଷଣା ଦାୟିତ୍ୱ ମଧ୍ୟ ନିଆଯାଇଛି । ତେବେ ଅନ୍ୟ ଖଣି ଓ ଶିଳ୍ପ ସଂସ୍ଥାଙ୍କର ଏହି ରାସ୍ତାର ରକ୍ଷଣା ବେକ୍ଷଣ ଉପରେ କୌଣସି ଉଦ୍ୟମ ନଥିବା ଜଣାପଡିଛି । ତେବେ ଏହି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରିଯାନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି ।

# ବଜ୍ରାଘାତ ନେଲା ମାଆଁ ପୁଅ ର ଜିବନ



**ପାଟଣାଗଡ,(ମହାଭାରତ) :** ଖପ୍ରାଖୋଲ ବ୍ଲକ୍ ମହରାପଦର୍ ଗ୍ରାମ/ ପଞ୍ଚାୟତ ଚାଉଳବାଞ୍ଜି ଗ୍ରାମରେ ବଜ୍ରାଘାତ ଯୋଗୁଁ ଗତକାଲି ବୁଧବାର ଅପରାହ୍ନ ରେ ମାଆଁ ପୁଅ ଙ୍କ ମୃତ୍ୟୁ ହୋଇ ଯାଇ ଥିବା ବେଳେ କାକା ଗୁରୁତର ହୋଇ ଥିବା ଜଣା ପଡିଛି । ମୃତକ ମାନେ ହେଲେ ଚାଉଳବାଞ୍ଜି ଗ୍ରାମର ମାଆଁ ସୂର୍ଯ୍ୟକାନ୍ତି ଖର୍ସେଲ ( ୪୦ ) ପୁଅ ଦୀପକ ଖର୍ସେଲ ( ୧୮ ) ଓ ଗୁରୁତର ହେଲେ କାକା ପୁରନ୍ଦର ଖର୍ସେଲ ( ୩୮ ) ବୋଲି ଜଣା ପଡିଛି । ସୂଚନା ଅନୁସାରେ ମୃତ ସୂର୍ଯ୍ୟକାନ୍ତି ଙ୍କ ପରିବାର ଗ୍ରାମର ପୋଖରୀ ପାଖରେ ନିଜ ଚାଷ ଜମି କୁ କପା ଜଗାଉ ଥିଲେ । ଅପରାହ୍ନ ୪ ଟା ରେ ଘଡଘଡି ସହ ବର୍ଷା ହୋଇ ଥିଲା । ଯାହା ଫଳରେ ଚାଷ ଜମି ପାଖରେ ଥିବା ମହୁଲଗଛ ମୂଳ ତଳେ ଲୁଚି ରହି ଥିବା ବେଳେ ବଜ୍ରାଘାତ ଯୋଗୁଁ ମାଆଁ ସୂର୍ଯ୍ୟକାନ୍ତୀ ଓ ପୁଅ ଦୀପକ ଘଟଣା ସ୍ଥଳରେ ମୃତ୍ୟୁ ହୋଇ ଥିବା ବେଳେ କାକା ପୁରନ୍ଦର ଗୁରୁତର ହୋଇ ଥିଲେ । ଏ ନେଇ ପରିବାର ର ଅନ୍ୟ ଲୋକେ ଗ୍ରାମବାସୀ ଖପ୍ରାଖୋଲ ପୁଲିସ ଓ ଅଗ୍ନିଶମ ବିଭାଗ କୁ ଖବର ଦେଲା ପରେ ଗୁରୁତର କୁ ଖପ୍ରାଖୋଲ ଡାକ୍ତର ଖାନା ନେଇଥିବା ଜଣା ପଡିଛି । ଏନେଇ ପାଟଣାଗଡ ଉପ ଜିଲ୍ଲାପାଳ ଅମିତ କୁମାର ନାଏକ ଙ୍କୁ ଜଣାଇ ବାରୁ ଘଟଣା ସମ୍ପର୍କରେ ଜାଣି ଖପ୍ରାଖୋଲ ତହସିଲଦାର କୁ ପ୍ରାଥମିକ ରିପୋର୍ଟ ଦେବାକୁ କହିଛି ବୋଲି କହିଛନ୍ତି। ମାଆଁ ପୁଅ ର ଅକାଳ ମୃତ୍ୟୁ କୁ ନେଇ ଚାଉଳବାଞ୍ଜି ଗ୍ରାମରେ କାନ୍ଦ ବୋବାଳି ରେ ଫାଟି ପଡୁଛି । ଗରିବ ଲୋକ ହୋଇ ଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ ହେଉଛି । ଏନେଇ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଙ୍କୁ ପଚାରିବାରୁ ପ୍ରାଥମିକ ତଦନ୍ତ ପରେ ଉଚ୍ଚ କର୍ତ୍ତୃପକ୍ଷ କୁ ଜଣାଇ ବା ସହିତ ସରକାରୀ ସହାୟତା ପାଇଁ ଲେଖା ଯିବ ବୋଲି କହିଛନ୍ତି । ଦୁର୍ଘଟଣାରେ ଦୁଇ ଗୁରୁତର ରଗଡି,୨୬।୬( ପି ଏନ ଏସ) କୋରାଇ ଥାନା ଅନ୍ତର୍ଗତ ୨୦ ନ. ଜାତୀୟ ରାଜପଥ ନୂଆଗଡ଼ - ନଗୁଆଁ ଛକ ମଧ୍ୟରେ ମଙ୍ଗଳବାର ରାତିରେ ଏକ ବାଇକ ଦୁର୍ଘଟଣାରେ ଚାଳକ ସମେତ ଅନ୍ୟ ଜଣେ ସହଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଫାୟାର ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଯାଜପୁର ରୋଡ ଡାକ୍ତର ଖାନା ରେ ଭର୍ତ୍ତି କରାଯାଇଥିଲା । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଛିକୋଟ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଲିପୁନ ଖଟୁଆ( ୨୦)ଓ ଗୋପାଳ ପାତ୍ର (୨୨)। ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ ।

# ବିଜେପି ପକ୍ଷରୁ କଳା ଦିବସ ପାଳିତ କଲା

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ରେ ବିଜେପି ପକ୍ଷରୁ କଳା ଦିବସ ପାଳନ ହୋଇ ଯାଇଛି। ଏହି କଳା ଦିବସ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ଅଧ୍ୟକ୍ଷତାରେ ରେ ଅନୁଷ୍ଠିତ ହୋଇ ଛି। ୧୯୭୫ ଜୁନ ୨୫ ତାରିଖରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଜାରି ହୋଇଥିବା ବେଳେ ଏହାକୁ କଳା ଦିବସ ଭାବେ ପାଳନ କରାଯାଇଛି। ଏହି କଳା ଦିବସରେ ପୂର୍ବତନ ବିଜେପି ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ,ସାହାରପଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୌତମ ନାଏକ ବରିଷ୍ଠ ବିଜେପି ନେତା କମଳାକାନ୍ତ ଦାଶ ,ନାଗେଶ୍ୱର ମହାରଣା ଙ୍କ ସହ ବହୁ ବିଜେପି କର୍ମୀ ଉପସ୍ଥିତ ହୋଇଥିଲେ ।




# ଭାବ ବିହ୍ୱଳ ପରିବେଶ ବିଦାୟ ନେଲେ ସୁରେନ୍ଦ୍ର ସାର

**ହାଟଡିହି,(ମହାଭାରତ) :** ବୁଧବାର ଟୁକୁଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସା । ୧୯୮୯ ମସିହା ରେ ଚାକିରି ଜୀବନ ଆରମ୍ଭ କରି ୨୦୨୪ ମସିହା ମେ ମାସ ୩୦ତାରିଖ ଦିନ ଅବସର ଗ୍ରହଣ କରିଥିଲେ। ସେ ଦୀର୍ଘ ୩୬ ବର୍ଷ ନିରବଚ୍ଛିନ୍ନ ଶିକ୍ଷା ଦାନ କରି ଆସୁଥିଲେ । ତାଙ୍କ ଶିକ୍ଷକ ଜୀବନ ରେ ସମୟାନୁବର୍ତିତା କୁ ସେ ମୂଳ ମନ୍ତ୍ର ଭାବି ଦାୟିତ୍ୱ ତୁଲାଉଥିଲେ। ତାଙ୍କୁ ଭଲ ପାଉଥିବା ଶିକ୍ଷକ,ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ମାନେ ଆଜି ଏକ ସୁନ୍ଦର ଆୟୋଜନ କରି ତାଙ୍କ ଜନ୍ମ ମାଟି କୁଣ୍ଡିସାହି ରୁ କର୍ମ ଭୂମି ଟୁକୁଣା ପ୍ରାଥମିକ ବିଦ୍ୟାଳୟ କୁ ଆଣି ଏକ ସୁନ୍ଦର ପରିବେଶ ମଧ୍ୟରେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। କୁନି କୁନି ଛାତ୍ର ଛାତ୍ରୀ ମାନେ କୋହ ଭରା କଣ୍ଠ ରେ ସାରଙ୍କ ଶିକ୍ଷା ଦାନ କୁ ଅଘାଡ ଭକ୍ତି ବଳରେ ଓଜାଡ଼ି ଦେବା ପରେ ପରିବେଶ କିଛି ସମୟ ଭାବ ବିହ୍ୱଳ ହୋଇ ଯାଇଥିଲା ପିଲା ମାନଙ୍କର ଏହି ସଭାରେ ଉପସ୍ଥିତ ଥିଲେ ହାଟଡିହି ର ପୂର୍ବତନ ଶିକ୍ଷା ଅଧିକାରୀମାନଙ୍କ ମଧ୍ୟରେ ଧନେଶ୍ୱର ଖଣ୍ଡେଇ , ସୁରଥ କୁମାର ସାହୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କ ମଧ୍ୟରେ ପ୍ରମୋଦ କୁମାର ନାୟକ, ସ୍ନେହଲତା ମହାରଣା, ପୂର୍ବତନ ସହ ଶିକ୍ଷା ଅଧିକାରୀ ବିନୋଦ କୁମାର ରାଉତ, ସୁରେଶ କୁମାର ଜେନା, ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଶାସିନି ରାଜ୍ୟ ଯୁଗ୍ମ ସମ୍ପାଦକ(ଅଲ ଓଷ୍ଟା) ଙ୍କ ସହ ରବୀନ୍ଦ୍ର କୁମାର ଜେନା, ସୁଶାନ୍ତ କୁମାର ସ୍ୱାଇଁ, ଗିରିଧାରୀ ବିଶ୍ୱାଳ, ଭଗବାନ ନାୟକ, ସୁଶାନ୍ତ କୁମାର ଜେନା,( ସଭାପତି ବିଦ୍ୟାଳୟ ପରିଚାଳନା କମିଟି) କାହ୍ନୁ ମିଶ୍ର, ବିନୋଦ ବ୍ରହ୍ମ, ମୋହନ ମହାନ୍ତି, ହରମୋହନ ପଣ୍ଡା, ମୋହନ କୁମାର ମହାନ୍ତି, ବିବେକାନନ୍ଦ ବେହେରା ଙ୍କ ସହ ପାଖ ଅଞ୍ଚଳ ର ପ୍ରାୟ ସମସ୍ତ ବିଦ୍ୟାଳୟ ର ଶିକ୍ଷକ ମାନେ ଏହି ସଭା ରେ ଯୋଗ ଦେଇଥିଲେ। ଏହା ସହ ନିଜ ଗାଁ ରୁ ଶତାଧିକ ପୁରୁଷ ମହିଳା ମାନେ ଗାଁ ରେ ପରିଭ୍ରମଣ କରି ପାଛୋଟି ନେଇଥିଲେ। ଏହି ସଭା କୁ ମିହିର କୁମାର ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ଭଗବାନ ସାର ଙ୍କ ଦ୍ୱାରା ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।



# ବାଣ ଫୁଟାଳିଙ୍କୁ ଗିରଫ ଦାବି

**ହାଟଡିହି,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ବଉଳା ଲହରସାହିରେ ବାଣ ଫୁଟାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟଣାରେ ଉଭୟ ପକ୍ଷରୁ ଦୁଇଟି ପୃଥକ ଅଭିଯୋଗ ହୋଇଥିଲା । ଉଭୟ ପକ୍ଷ ମଧ୍ୟ ଆହତ ହୋଇଥିଲେ । ଗୋଟିଏ ପକ୍ଷର ଅଭିଯୋଗକୁ ମାମଲା ଭାବେ ରୁଜୁ କରାଯାଇ ଗୋଟିଏ ପରିବାରର ଜଣେ ଗର୍ଭବତୀ ମହିଳାଙ୍କ ସମେତ ମୋଟ ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ବାପ, ପୁଅ ଦୁଇ ଜଣଙ୍କୁ ଗିରଫ କରାଯାଇଥିଲା । କିନ୍ତୁ ପ୍ରତିପକ୍ଷ ତଥା ବାଣ ଫୁଟାଉଥିବା ଅଭିଯୁକ୍ତ ମାନଙ୍କୁ ଅଦ୍ୟାବଧି ଗିରଫ କରାଯାଇନି । ତେବେ ଏହି ଅଭିଯୁକ୍ତ ମାନେ ବାଣ ଫୁଟାଉଥିବା ଘଟଣା ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ସହ ନିଜେ ମଧ୍ୟ ସ୍ୱୀକାର କରିଥିବା ଖବର ପ୍ରକାଶ ପାଇଛି । କିନ୍ତୁ ବିଭିନ୍ନ ସମୟରେ ଅଭିଯୁକ୍ତ ମାନେ କରୁଥିବା ମତ ସାବ୍ୟସ୍ତରେ ତାଳ ମେଳ ରହୁନି । ବାଣ ଫୁଟାଳି ଏବଂ ଗଣ୍ଡଗୋଳକାରୀ ଅଭିଯୁକ୍ତ ମାନେ ପୋଲିସ କାର୍ଯ୍ୟାନୁଷ୍ଠାନ ଭୟରେ ନିଜ ସମର୍ଥକ ନିଜ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ସହ ଅନ୍ୟ କିଛି ବ୍ୟକ୍ତିଙ୍କୁ ଢାଲ କରିଛନ୍ତି । ପୂର୍ବରୁ ଗିରଫ ହୋଇଥିବା ସିଲାଇ ପୁର୍ତ୍ତି ଏବଂ ତାଙ୍କ ପୁଅ ନଟବରଙ୍କୁ ଗାଁରୁ ତଡିବା ପାଇଁ ଦାବୀ କରିଛନ୍ତି । ଯାହାକି ଅତି ଲଜ୍ୟା ଏବଂ ଗଦାଫି ଶାସନ କହିଲେ ଭୂଲ ହେବନି । ପ୍ରାୟ ୪୦ ବର୍ଷ ଧରି ରହୁଥିବା ସିଲାଇଙ୍କ ପରିବାର ଏଠାକାର ସ୍ଥାୟୀ ବାସିନ୍ଦା ଭାବେ ଜୀବନ ଯାପନ କରୁଛନ୍ତି । କିନ୍ତୁ ସେହି ଅଞ୍ଚଳରେ ବହୁ ଲୋକ ସରକାରୀ ଜାଗାରେ ଘର କରି ରହୁଛନ୍ତି କ୍ଷ ତେବେ ସେମାନଙ୍କ ବିରୁଦ୍ଧରେ ମଧ୍ୟ ପଦକ୍ଷେପ ନିଆଯାଇ ହଟାଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି । ସବୁଠାରୁ ବଡ଼ କଥା ହେଉଛି ଏହି ଘଟଣାରେ ପ୍ରଚ୍ଛଦ ପଟରେ ଜଣେ ମୋରମ ଏବଂ ପଥର ମାଫିଆ ରହି ଘଟଣାକୁ ଅଧିକ ଉସକାଉଛନ୍ତି । ନିଜ ଗର୍ବ, ଅହଙ୍କାରୀ ଗୁଣ ପାଇଁ ନିଜର ଦଲାଲ ସାମ୍ରାଜ୍ୟ ବିସ୍ତାର ପାଇଁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି । ଏକ ରାଜନୈତିକ ଦଳର ଟପ ଲିଡର ନେତା କହି ଢୋଲ ପିଟୁଛନ୍ତି । ତେବେ ତାଙ୍କ ସାମ୍ରାଜ୍ୟର ଇତିହାସ ଇତିହାସ ଲୋକ ଲୋଚନକୁ ଖୁବ ଶୀଘ୍ର ଅଣାଯିବ । ଆଉ ଏକ କଥା ହେଉଛି କେତେକ କୌଣସି ସ୍ୱାର୍ଥ ହାସଲ ପାଇଁ କେତେକ ଗଣମାଧ୍ୟମ ରେ ନାନା ରଙ୍ଗୀନ, ସଙ୍ଗିନ,ଗାଲୁଆ ଏବଂ ଏକ ପାଖିଆ ଖବର ପ୍ରକାଶ ପାଉଛି । ଯାହାକି ଅତି ଦୁର୍ଭାଗ୍ୟର ବିଷୟ ସାଜିଛି ।

# କମ୍ୟୁନିଟି ସେଣ୍ଟର ନାଁରେ ଖାଇଗଲେ ୫ ଲକ୍ଷ




**ଓଡ଼ଗାଁ,(ମହାଭାରତ) :** ଓଡ଼ଗାଁ ଏନ୍ଏସି ଦଲକ ଛକଠାରେ କମୁନିଟି ସେଣ୍ଟର ନିର୍ମାଣ ନାଁ ରେ ୫ ଲକ୍ଷ ଟଙ୍କା ଖାଇଗଲେ। କୁଜି ନେତା ଓ ସରକାରୀ ବାବୁ ମିଶି ଏଭଳି ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି। କମ୍ୟୁନିଟି ସେଣ୍ଟର ଫଳକ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ରାତାରାତି ଫଳକକୁ ଗାଏବ୍ କରି ନିଆଯାଇଛି। ଏହି ଘଟଣା ପ୍ରଘଟିତ ହେବା ପରେ ଦଲକ ୧୩ନଂ ୱାର୍ଡ ର ମହିଳା ମାନେ ଏନ୍ଏସି କାର୍ଯ୍ୟାଳୟରେ ପଶି କାମର ହିସାବ ମାଗିଛନ୍ତି। ସୂଚନାଯୋଗ୍ୟ, ଓଡ଼ଗାଁ ଏନ୍ଏସିର ୧୩ନଂ ୱାର୍ଡ ରେ କମୁନିଟି ସେଣ୍ଟର ପାଇଁ ୧୫ତମ ଅର୍ଥ କମିସନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟବରାଦ ହେଲା। ଟେଣ୍ଡର ପରେ ଠିକାଦାର କାମ ଆରମ୍ଭ କରିବା କଥା କିନ୍ତୁ ଠିକାଦାର କାମ ନ କରି ଗୟଳସିଂହ ମନ୍ଦିରକୁ ଦେଖାଇ ସବୁ ଅର୍ଥ ବାଟମାରଣା କରି ନେଇଛନ୍ତି। ସେତିକି ନୁହଁ, ଗୟଳସିଂହ ମନ୍ଦିର ନିକଟ ଏକ କାନ୍ଥରେ ଫଳକ ଲେଖି କାମ ଶେଷ କରିଦେଇଛନ୍ତି। ଗୟଳସିଂହ ମନ୍ଦିର କାର୍ଯ୍ୟ ୨୦୧୮ ମସିହାରୁ ସଂପୂର୍ଣ୍ଣ ହୋଇଥିବା ନେଇ ୧୩ନଂ ୱାର୍ଡ ବାସୀ କହିଥିବା ବେଳେ କିଭଳି ଚଞ୍ଚକତା କରାଗଲା ବୋଲି ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ୨୦୨୩ ମସିହା ଅଗଷ୍ଟ ମାସ ୧୪ ତାରିଖରେ କାର୍ଯ୍ୟ ଆରମ୍ଭ ହୋଇ ସେହିବର୍ଷ ସେପ୍ଟେମ୍ବର ମାସ ୧୮ ତାରିଖରେ କାମ ସାରିବାକୁ ଫଳକରେ ଉଲ୍ଲେଖ କରିବା ପରେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। କଂଗ୍ରେସ ଛାତ୍ର ନେତା ଦିଲ୍ଲୀପ କୁମାର ବିଷୋୟୀ ଏହାର ଏକ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିବା ପରେ ରାତାରାତି ଫଳକକୁ ଲିଭେଇ ଦିଆଗଲା ଓ ଗୟଳସିଂହ ମନ୍ଦିର କାର୍ଯ୍ୟରେ ଏହି ଅର୍ଥ ବିନିଯୋଗ ହୋଇଥିବା ଏନ୍ଏସି ଯନ୍ତ୍ରୀ ସଫେଇ ଦେଇ କହିଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା, କମୁନିଟି ସେଣ୍ଟର ନାଁରେ ଅନୁଦାନ ଆସି କିଭଳି ମନ୍ଦିର କାର୍ଯ୍ୟରେ ଲଗାଗଲା। ଆମେ ଜାଣିବାରେ ଗୟଳସିଂହ ମନ୍ଦିରର କୌଣସି କାର୍ଯ୍ୟ କରାଯାଇନାହିଁ। ଏହି ଅର୍ଥକୁ ତୋଷାରପାତ କରିଥିବା ଅଭିଯୋଗରେ ୧୩ନଂ ୱାର୍ଡ ର ମହିଳା, ପୁରୁଷ ମିଶି ଏନ୍ ?ଏସି ଯନ୍ତ୍ରୀଙ୍କୁ ଘେରି ୫ ଲକ୍ଷ ଟଙ୍କାର ହିସାବ ମାଗିଛନ୍ତି। ଏହି ଘଟଣାରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ମନ୍ଦିରକୁ ମିଶାଇ କମୁନିଟି ସେଣ୍ଟର ନିର୍ମାଣ ହୋଇଥିବା ପ୍ରକାଶ କରିଥିଲେ।

# ନିଶାଦ୍ରବ୍ୟ ବ୍ୟବହାର ଏବଂ ଅବୈଧ କାରବାର ନିରୋଧ ଦିବସ ପାଳନ

**କଳାହାଣ୍ଡି,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ମହକୁମାରେ ଆନ୍ତର୍ଜାତିକ ନିଶାଦ୍ରବ୍ୟ ବ୍ୟବହାର ଏଂ ଅବୈଧ ଚୋରାଚାଲାଣ ନିରୋଧ ଦିବସ -୨୦୨୪ ଉପଲକ୍ଷେ ଏକ କର୍ମଶାଳା ସ୍ଥାନୀୟ ଟାଉନହଲ୍ ଠାରେ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲ୍ଲା ଅବକାରୀ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ ତଥା ଅନ୍ୟାନ୍ୟ ବିଭାଗ ର କର୍ମକର୍ତ୍ତା ତଥା ବିଭିନ୍ନ ଶିକ୍ଷା ଅନୁଷ୍ଠାନ ରୁ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଉତ୍ସବ ର ପ୍ରାରମ୍ଭରେ ବିଭିନ୍ନ ବିଭାଗର କର୍ମକର୍ତ୍ତା, ପ୍ରଜାପିତା ବ୍ରହ୍ମ କୁମାରୀ ର ସଭ୍ୟା ତଥା ସ୍କୁଲ କଲେଜ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା କୁ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡି ପତାକା ଦେଖାଇ ଶୁଭାରମ୍ଭ କରିଥଲେ। ଶୋଭାଯାତ୍ରା ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଟାଉନ୍ ହଲ ଠାରେ ପହଞ୍ଚି



ଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଚନ୍ଦନ କୁମାର ବାରିକ ଙ୍କ ପୌରହିତ୍ୟ ରେ ଆୟୋଜିତ ହୋଇଥିବା ଜିଲ୍ଲା ସ୍ତରୀୟ କର୍ମଶାଳା ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରୱାନ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଭବାନୀପାଟଣା ବିଶ୍ୱବିଦ୍ୟାଳୟ ର ପ୍ରଧାପିକା ପଲ୍ଲୀଶ୍ରୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ କୁମାର ବେହେରା, ସହକାରୀ ଜିଲ୍ଲାପାଳ ଶ୍ରୀ ଅମର ପରାସେଠ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ , ଅବକାରୀ ଇନ୍ସପେକ୍ଟର ହେମକାନ୍ତ ସୁନା ଓ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ସଂଚାଳିକା ଶଶୀ ଦେବୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଚେତନତା ଦ୍ୱାରା ହିଁ ନିଶା ଦ୍ରବ୍ୟ ବ୍ୟବହାର ଏଂ ଅବୈଧ ଚୋରାଚାଲାଣ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ର ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ହାଇସ୍କୁଲ ଓ କଲେଜ ସ୍ତର ପ୍ରବନ୍ଧ , ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ନିଶା ଦ୍ରବ୍ୟ ସେବନ ରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଥିବା ୪ ଜଣ ଆଶିଷ ମହାନ୍ତି,ପ୍ରଶାନ୍ତ ସେଠି, ଲହଦର ବିଭାର, ସୈରେନ୍ଦ୍ର ମାଝୀ ଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। କୁନି କୁନି କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ ନୃତ୍ୟ ଦର୍ଶକ ମାନଙ୍କ ମନକୁ ମୋହିତ କରିଥିଲା।

# ଓଲଟିଲା ଧାନ ବୋଝେଇ ଟ୍ରକ, ୩ ଆହତ



**ହିଞ୍ଜିଳିକାଟୁ, (ମହାଭାରତ) :** ବୁଧବାର ଅପରାହ୍ନରେ ହିଞ୍ଜିଳି ଥାନା ତଥା ୫୯ ନଂ ଜାତୀୟ ରାଜପଥ ଶ୍ୟାମଳାଇ ଛକ ନିକଟରେ ଭାରସାମ୍ୟ ହରାଇ ଏକ ଧାନ ବୋଝେଇ ଟ୍ରକ (ଏପି୦୫ ଡବ୍ଲ୍ୟୁ ୨୨୪୪) ରାସ୍ତା ପାର୍ଶ୍ୱକୁ ଓଲଟି ପଡିଛି। ଦୁର୍ଘଟଣାରେ ୩ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଟ୍ରକ୍ ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ? ପ୍ରକାଶ ଯେ, ବୁଧବାର ଅପରାହ୍ନରେ ବ୍ରହ୍ମପୁର ଠାରୁ ଆସିକା ଅଭିମୁଖେ ଯାଉଥିବା ଏକ ଧାନ ବୋଝେଇ ଟ୍ରକ ସମ୍ମୁଖକୁ ଶ୍ୟାମଳାଇ ଛକ ନିକଟରେ ଏକ ମୋଟର ସାଇକେଲ ଆସିଯାଇଥିଲା। ଟ୍ରକ ଚାଳକ ହଠାତ୍ ବାମ ପଟକୁ ଗାଡି ବୁଲାଉଥିବା ବେଳେବେଳେ ଜଣେ ଯୁବକ ଟ୍ରକ୍ ସମ୍ମୁଖ ଭାଗକୁ ଆସିଯାଇଥିଲେ । ଟ୍ରକ୍ ଚାଳକ ଜଣଙ୍କ ଯୁବକଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇବାରୁ ଟ୍ରକଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ସଂପୃକ୍ତ ଯୁବକଙ୍କ ସହ ବାଇକ୍ ଚାଳକ ଓ ସାଥି ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ବାଲିଗୁଡାରେ ବିଜେପି ପକ୍ଷରୁ କଳା ଦିବସ ପାଳିତ

**ବାଲିଗୁଡା,(ମହାଭାରତ) :** ଭାରତୀୟ ଜନତା ପାର୍ଟି ପକ୍ଷରୁ ବାଲିଗୁଡା ବିଧାନସଭା କ୍ଷେତ୍ର ର କୋଟଗଡ ଓ ତୁମୁଡିବନ୍ଧ ମଣ୍ଡଳ ରେ କଳା ଦିବସ ପାଳିତ ହୋଇଯାଇଛି । କୋଟଗଡ ମଣ୍ଡଳ ସଭାପତି ପ୍ରକାଶ ସୁବୁଦ୍ଧି ଙ୍କ ସଭାପତିତ୍ୱ ରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ରେ ଏହି କଳା ଦିବସ ପାଳନ କରାଯାଇଛି । ୧୯୭୫ ମସିହା ଜୁନ ୨୫ ତାରିଖ ଆଜିର ଦିନରେ କଂଗ୍ରେସ ସରକାର କ୍ଷମତା ରେ ରହିବା ପାଇଁ ଭାରତୀୟ ଗଣତନ୍ତ୍ରର ଏକ କଳା ଦିବସ ସୃଷ୍ଟି କରିବା ସହ ଜରୁରୀ କାଳୀନ ପରିସ୍ଥିତି ଜାରୀ କରିଥିଲେ । ବିରୋଧୀ ଦଳ ନେତାଙ୍କୁ ଜେଲ ହାଜତକୁ ପଠାଇଥିଲେ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ସେହି ଦିନକୁ କଳା ଦିବସ ଭାବେ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ବାଲିଗୁଡା ପୂର୍ବତନ ବିଧାୟକ କରେନ୍ଦ୍ର ମାଝି ଙ୍କ ସମେତ ସାଧାରଣ ସମ୍ପାଦକ ପ୍ରତାପ ନାୟକ ,ମୋହନ ବଳିଆରସିଂ, ବିରଞ୍ଚି ଗାଉଣ୍ଟିଆ ,ବେଲଘର ସରପଞ୍ଚ ଗୋବିନ୍ଦ ମାଝି ସୁଜିତ ଦଲାଇମାଝି ଚିନିବର ବଳିଆରସିଂ, ପିତର ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ । ସେହି ଭଳି ତୁମୁଡିବନ୍ଧ ମଣ୍ଡଳ ସାଧାରଣ ସମ୍ପାଦକ ଯଶବନ୍ତ ମାଝି ଙ୍କ ସଭାପତିତ୍ୱ ରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ରେ କଳା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବେଲଘର ସରପଞ୍ଚ ଗୋବିନ୍ଦ ମାଝି ଙ୍କ ସମେତ ବଳଦେବ ନାୟକ ,ପବିତ୍ର ବେହେରା ,ଯୁବ ମୋର୍ଚ୍ଚା ସଭାପତି ଶଙ୍କର ବଡନାୟକ,ଗଙ୍ଗାଧର ଗରଡିଆ,ପିଟକୁ ମାଝି,ସରୋଜ ନାୟକ,ନନ୍ଦ କିଶୋର ନାୟକ ,ନୃସିଂହ ପାତ୍ର ,ଟୁନୁ କାନ୍ତ ପାତ୍ର ,ଅନନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସେଲେକୋର ଗ୍ୟାଜେଟ୍ସ ଲିମିଟେଡ୍ ହଂକଂରେ ଏକ ନୂତନ ଶାଖା ବିସ୍ତାର କରିଛି

**ଭୁବନେଶ୍ୱର,୨୬।୬ :** ଭାରତର ଗତିଶୀଳ ଇଲେକ୍ଟ୍ରୋନିକ୍ସ ଏବଂ ଉପଭୋକ୍ତା ଡ୍ୟୁରେବଲ୍ସ ଗୁଡ୍ସ ମାର୍କେଟରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସେଲେକୋର ଗ୍ୟାଜେଟ୍ସ ଲିମିଟେଡ୍ ହଂକଂରେ ଏହାର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥା ପ୍ରତିଷ୍ଠା କରିବାକୁ ଗର୍ବର ସହ ଘୋଷଣା କରିଛି, ଯାହାର ନାମ ସେଲେକୋର ଗ୍ୟାଜେଟ୍ସ ଏଚକେ ଲିମିଟେଡ । ଏସିଆର ଇଲେକ୍ଟ୍ରୋନିକ୍ସ ଶିଳ୍ପର ପ୍ରବେଶ ଦ୍ୱାର ଭାବରେ ପରିଚିତ ହଂକଂରେ ଅବସ୍ଥିତ ଏହି ନୂତନ ସହାୟକ ସଂସ୍ଥା ସେଲେକୋର ଗ୍ୟାଜେଟ୍ସର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ପରିଚାଳନା କାର୍ଯ୍ୟକଳାପ କ୍ରୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ ଏବଂ ହଂକଂର ସୁଦୃଢ଼ ଲଜିଷ୍ଟିକ୍ ଭିତ୍ତିଭୂମି ଏବଂ ବ୍ୟବସାୟ ଅନୁକୂଳ ପରିବେଶ ସହିତ କମ୍ପାନୀ ଏହାର ଯୋଗାଣ ଶୃଙ୍ଖଳା ଦକ୍ଷତାକୁ ଅଧିକ ସୁଦୃଢ଼ କରିବା ଏବଂ ଅଭିନବ, ପ୍ରଦାନ କରିବାରେ ଏହାର ପ୍ରତିଯୋଗିତାମୂଳକ ଅଗ୍ରଣୀକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏହାର ଗ୍ରାହକମାନଙ୍କୁ ଉଚ୍ଚ ଗୁଣବତ୍ତା ଯୁକ୍ତ ମୂଲ୍ୟ-କମ୍ପ୍ଲେଟିଭ୍ ଉତ୍ପାଦ। ସେଲେକୋର ଗ୍ୟାଜେଟ୍ ସର ପରିଚାଳନା ନିର୍ଦ୍ଦେଶକ ରବି ଅଗ୍ରୱାଲ କହିଛନ୍ତି, ହଂକଂରେ ଆମର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥା ପ୍ରତିଷ୍ଠା କରିବାକୁ ଆମେ ଉତ୍ସାହିତ, ଯାହା ଇଲେକ୍ଟ୍ରୋନିକ୍ସ ଏବଂ ଉପଭୋକ୍ତା ସାମଗ୍ରୀ ବଜାରର ବିକଶିତ ଚାହିଦା ପୂରଣ କରିବାରେ ଆମର ଦକ୍ଷତା ବୃଦ୍ଧି କରିବ। 'ଏହି ସମ୍ପ୍ରସାରଣ ଆମକୁ ପ୍ରମୁଖ ଯୋଗାଣକାରୀ ଏବଂ ଅଂଶୀଦାରମାନଙ୍କ ନିକଟତର କରିଛି, ଯାହା ପରିଚାଳନାଗତ ଉତ୍କର୍ଷତା ଏବଂ ଗ୍ରାହକଙ୍କ ସନ୍ତୋଷ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

# ରାଜ୍ୟରେ ଏକ ନମ୍ବର ହେବ ବରୀ ବ୍ଲକ

**ବରି,(ମହାଭାରତ) :** ବିଧାୟକ ଭାବେ ନିର୍ବାଚିତ ହୋଇ ଶପଥ ପାଠ ପରେ ଆଜି ବରୀ ବ୍ଲକ କୁ ପ୍ରଥମ ଗସ୍ତ କରିଥିଲେ ରାଜ୍ୟ ରାଜନୀତିରେ ରେକର୍ଡ ସୃଷ୍ଟି କରିଥିବା ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ। ବ୍ଲକ ପ୍ରବେଶ ପଥରେ ପଂଚାୟତର ସିଆରପି , ଏମବିକେ ମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ବିଧାୟକଙ୍କୁ। ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି , ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବିଡିଓ ପଂଚାନନ ମଲିକଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ମାନେ ମଧ୍ୟ ଅନୁରୂପ ଭାବରେ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ପରେ ବିଧାୟକ ବିଶ୍ୱ ରଞ୍ଜନ ବ୍ଲକ ପରିସରରେ ଥିବା ମହା ପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟା ଅର୍ପଣ କରି ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଉପସ୍ଥିତ ସମସ୍ତ କର୍ମଚାରୀ ମାନେ ନିଜ ନିଜର ପରିଚୟ ଦେବା ପରେ ମନ୍ୟବର ବିଧାୟକ ତାଙ୍କ ଉଦବୋଧନରେ କହିଥିଲେ କି ଏଇ ବରୀ ମାଟିର ପୁଅ ମୁଁ ବରୀ



ଜନସାଧାରଣ ।ାଜି ମୋତେ ସେବା କରିବାକୁ ସୁଯୋଗ ଦେଇଛନ୍ତି। ନିର୍ବାଚିତ ହେବା ପରେ ମୁଁ ସମସ୍ତଙ୍କର ମୁଁ ସମସ୍ତଙ୍କ ପାଇଁ ନିଷ୍ପାପର ସହିତ କାମ କରିବି। ସେହିପରି ଆପଣ ମାନେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ କାମ କରିବେ। ବରୀ ଅଂଚଳର ଜଣେ ବି ଲୋକ ଯେପରି କୌଣସି ଅସୁବିଧାରେ ସମ୍ମୁଖୀନ ନ ହୁଏ ଏଥି ପ୍ରତି ଦୃଷ୍ଟି ଦେବାକୁ ବରୀ ବିଡିଓଙ୍କ ସମେତ ସମସ୍ତ କର୍ମଚାରୀ ମାନଙ୍କୁ କହିଥିଲେ। ସେହିପରି ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଓ ଗମନାଗମନ ନିମନ୍ତେ ଯାହାବି ବରୀ ଅଂଚଳରେ ସମସ୍ୟା ରହିଛି କିପରି ଶିଘ୍ର ସମାଧାନ କରିହେବ ସେ ନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ବରୀ ବାସୀ ବହୁ ମାତ୍ରା ରେ ସମର୍ଥନ କରି ବିଧାୟକଙ୍କୁ ଯେପରି ରାଜ୍ୟରେ ଏକ ନମ୍ବର କରି ଚର୍ଚ୍ଚିତ କରିଛନ୍ତି କାମରେ ମଧ୍ୟ ବରୀ ବ୍ଲକ ଏକ ନମ୍ବର ହେବ ବୋଲି ବିଧାୟକ ବିଶ୍ୱରଞ୍ଜନ କହିଛନ୍ତି। ନବ ନିର୍ବାଚିତ ବରୀ ବିଧାୟତ ବିଶ୍ୱରଞ୍ଜନ ମଲ୍ଲିକ ବରୀ ବ୍ଲକ ଗସ୍ତ ସମୟରେ ଅଧ୍ୟକ୍ଷ ଅଶୋକ କୁମାର ଗେଡି , ଉପାଧ୍ୟକ୍ଷ ଅର୍ଚ୍ଚନା ମଲିକ , ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲ, ଦିଲ୍ଲିପ ମହାନ୍ତି,ସନ୍ତୋଷ ସାମଲ, ସୁନିତ୍ରା ଯାଦବ ଓ ସମସ୍ତ ସରପଂଚ ସମିତି ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ।

# ୩ ଦିନିଆ ସିବିଆଇ ରିମାଣ୍ଡରେ କେଜ୍ରିୱାଲ



**ନୂଆଦିଲ୍ଲୀ,୨୬।୬:** ମଦ ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବୁଧବାର ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍ (ସିବିଆଇ) ଗିରଫ କରିଥିଲା। ଦିଲ୍ଲୀ ହାଇକୋର୍ଟ ତାଙ୍କ ଜାମିନ ଉପରେ ରୋକ ଲଗାଇବା ନେଇ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ କେଜ୍ରିୱାଲ୍। ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ପୂର୍ବରୁ କେଜ୍ରିୱାଲ୍‌ଙ୍କୁ ଗିରଫ କରାଯାଇଥିଲା। ଏବେ ଗିରଫ ପରେ ତାଙ୍କୁ ୩ଦିନିଆ ସିବିଆଇ ରିମାଣ୍ଡରେ ପଠାଯାଇଛି।

ସୂଚନା ମୁତାବକ, ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ଅରବିନ୍ଦ କେଜ୍ରିୱାଲଙ୍କୁ ୩ଦିନିଆ ସିବିଆଇ ରିମାଣ୍ଡରେ ପଠାଇଛନ୍ତି। ସିବିଆଇ ଜୁନ୍ ୨୯ରେ ସନ୍ଧ୍ୟା ୭ଟା ପୂର୍ବରୁ ପୁଣିଥରେ ଆମ୍ ଆଦମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ କୋର୍ଟରେ ହାଜର କରିବ। ଅରବିନ୍ଦ କେଜ୍ରିୱାଲଙ୍କ ପାଞ୍ଚ ଦିନିଆ ରିମାଣ୍ଡ ମାଗିଥିଲା ସିବିଆଇ। ହେଲେ କୋର୍ଟ ତାଙ୍କୁ ତିନି ଦିନ ପାଇଁ ରିମାଣ୍ଡରେ ପଠାଇଛନ୍ତି। ତେବେ ଗିରଫ ପରେ କେଜ୍ରିୱାଲଙ୍କ ପତ୍ନୀ କହିଥିଲେ ଯେ, ଜୁନ ୨୦ରେ ଅରବିନ୍ଦ କେଜ୍ରିୱାଲଙ୍କୁ ଜାମିନ ମିଳିଲା । ଏହା ପରଦିନ ସିବିଆଇ ତାଙ୍କୁ ଅଭିଯୁକ୍ତ ସଜାଇଦେଲା। ଆଜି ସିବିଆଇ ଗିରଫ କଲା । ପୁରା ଶାସକ ଦଳ ଲାଗିପଡିଛନ୍ତି ଯେ କେଜ୍ରିୱାଲ ଯେଭଳି ଜେଲ ବାହାରକୁ ଆସିପାରିବେ ନାହିଁ। ଏହା ଆଇନ ନୁହେଁ, ଏହା ଏକଛତ୍ରବାଦୀ ଶାସନ ଏବଂ ଜରୁରୀକାଳୀନ ପରିସ୍ଥିତି।

## ବିଗିଡିଲା କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା

କୋର୍ଟରେ ଶୁଣାଣି ବେଳେ ଅସୁସ୍ଥ ହୋଇପଡିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ତାଙ୍କର ସୁଗାର ଲେଭୁଲ କମି ଯାଇଥିବା ସୂଚନା ମିଳିଛି। ଏଥିପାଇଁ ତାଙ୍କୁ ଅନ୍ୟ ଏକ କୋଠରୀରେ ବସାଯାଇଥିଲା। ବୁଧବାର ମଦ ନୀତି ଦୁର୍ନୀତି ମାମଲାରେ ସିବିଆଇ ଦ୍ୱାରା କେଜ୍ରିୱାଲଙ୍କୁ ଗିରଫ କରାଯାଇଛି। ଏହାପରେ ତାଙ୍କୁ ରାଉଜ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଶୁଣାଣି ବେଳେ କେଜିୱାଲ ଅସୁସ୍ଥ ହୋଇପଡିଛନ୍ତି। ତାଙ୍କ ସହ ପତ୍ନୀ ସୁନୀତା ଉପସ୍ଥିତ ରହିଛନ୍ତି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତିରେ ଅର୍ଥ ହେରଫେର ଅଭିଯୋଗ ନେଇ ଇଡ଼ି କେଜ୍ରିୱାଲଙ୍କୁ ଗିରଫ କରି ତଦନ୍ତ କରିଥିଲା।

## ଏହା ଆଇନ ନୁହେଁ, ଏକଛତ୍ରବାଦୀ ଶାସନ : ସୁନିତା



**ନୂଆଦିଲ୍ଲୀ,୨୬।୬:** ମଦ ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବୁଧବାର ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍ (ସିବିଆଇ) ଗିରଫ କରିଥିଲା। ଦିଲ୍ଲୀ ହାଇକୋର୍ଟ ତାଙ୍କ ଜାମିନ ଉପରେ ରୋକ ଲଗାଇବା ନେଇ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ କେଜ୍ରିୱାଲ୍। ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ପୂର୍ବରୁ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି। ତେବେ ଏହାକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନୀତା କେଜ୍ରିୱାଲ କହିଛନ୍ତି ଯେ ଏହା ଏକ ଆଇନ ନୁହେଁ। ଏହା ଏକଛତ୍ରବାଦୀ ଶାସନ ଏବଂ ଜରୁରୀକାଳୀନ ପରିସ୍ଥିତି। ନିଜ ସୋସିଆଲ ମିଡ଼ିଆରେ ସୁନୀତା ଲେଖିଛନ୍ତି ଯେ, ଜୁନ ୨୦ରେ ଅରବିନ୍ଦ କେଜ୍ରିୱାଲଙ୍କୁ ଜାମିନ ମିଳିଲା। ଏହା ପରଦିନ ସିବିଆଇ ତାଙ୍କୁ ଅଭିଯୁକ୍ତ ସଜାଇଦେଲା। ଆଜି ସିବିଆଇ ଗିରଫ କଲା। ପୁରା ଶାସକ ଦଳ ଲାଗିପଡିଛନ୍ତି ଯେ କେଜ୍ରିୱାଲ ଯେଭଳି ଜେଲ ବାହାରକୁ ଆସିପାରିବେ ନାହିଁ। ଏହା ଆଇନ ନୁହେଁ, ଏହା ଏକଛତ୍ରବାଦୀ ଶାସନ ଏବଂ ଜରୁରୀକାଳୀନ ପରିସ୍ଥିତି। ଉଲ୍ଲେଖ ଥାଉ କି ଦିଲ୍ଲୀର ଏକ ନିମ୍ନ ଅଦାଲତ ଜୁନ୍ ୨୦ରେ କେଜ୍ରିୱାଲଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହା ଉପରେ ହାଇକୋର୍ଟ ରୋକ୍ ଲଗାଇଥିଲେ। ଇଡି କେଜ୍ରିୱାଲଙ୍କ ଜାମିନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଯାହାର ଶୁଣାଣି ପରେ କୋର୍ଟ ଜାମିନ ଉପରେ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସିବିଆଇ ତାଙ୍କୁ ଗିରଫ କରିଥିଲା।

# ଆପାର୍ଟମେଣ୍ଟରେ ଗୁଳିମାଡ଼, ୫ ମୃତ

**ନୂଆଦିଲ୍ଲୀ,୨୬।୬:** ଆପାର୍ଟମେଣ୍ଟ ପରିସରେ ଫୁଟିଲା ଗୁଳି। ଆଖିବୁଜା ଗୁଳିମାଡ଼ କଲା ଦୁର୍ବୃତ୍ତ। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଗୁଳିମାଡ଼ କରିବା ପରେ ଆକ୍ରମଣକାରୀ ନିଜକୁ ନିଜେ ଗୁଳି କରି ଆତ୍ମହତ୍ୟା କରିଛି। ଏଭଳି କିଛି ଘଟଣା ଘଟିଛି ଆମେରିକାର ଲାସ୍ ଭେଗାସ୍ ସହରରେ।



ସୂଚନା ମୁତାବକ, ଲାସ ଭେଗାସରେ ଥିବା ଦୁଇଟି ଆପାର୍ଟମେଣ୍ଟ ପରିସରେ ଜଣେ ବନ୍ଧୁକଧାରୀ ପଶି ଆସି ଆଖିବୁଜା ଗୁଳିମାଡ଼ କରିଥିଲା। ତେବେ ପୁଲିସ ଆକ୍ରମଣକାରୀକୁ ଧରିବା ପାଇଁ ତା' ପାଖକୁ ପହଞ୍ଚିବା ପୂର୍ବରୁ ସେ ନିଜକୁ ନିଜେ ଗୁଳିକରି ଉଡ଼ାଇ ଦେଇଛି।

ଉତ୍ତର ଲାସ୍ ଭେଗାସ ପୁଲିସର କହିବା ମୁତାବକ, ଏହି ଗୁଳିମାଡ଼ରେ ୪ ଜଣ ମହିଳା ସମେତ ଜଣେ ପୁରୁଷଙ୍କ ମୃତ୍ୟୁ ହୋଇଛି। ସେହିପରି ୧୩ ବର୍ଷର ଜଣେ ବାଳିକା ଆହତ ହୋଇଛି। ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଇସିୟୁରେ ତା'ର ଚିକିତ୍ସା ଚାଲିଛି। ସେପଟେ ୪୭ ବର୍ଷୀୟ ଅଭିଯୁକ୍ତ ଏରିକ ଏଡମ୍ସ ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଗୁଳିକାଣ୍ଡ ଘଟାଇଛି। କାସା ନର୍ଥ ଡ୍ରାଇଭ୍‌ରେ ଥିବା ଆପାର୍ଟମେଣ୍ଟରେ ବିଲ୍ଡିଂରେ ପଶି ସେ ଗୁଳିମାଡ କରିଥିଲା। ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଏରିକ୍‌କୁ ଖୋଜାଖୋଜି କରିଥିଲା। ଇଷ୍ଟ ଲେକ୍ ମିଡ୍ ବୁଲେଭ୍ୱାର୍ଡରେ ଏରିକ୍ ଲୁଚି ରହିଥିବା ପୁଲିସକୁ ସୂଚନା ମିଳିଥିଲା। ଏହାପରେ ପୁଲିସ ସେଠାରେ ପହଞ୍ଚି ଏରିକ୍‌କୁ ଘେରି ଯାଇ ଆତ୍ମସମର୍ପଣ କରିବାକୁ କହିଥିଲା। କିନ୍ତୁ ଏରିକ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି।

# ଇଟାଲୀରେ ଭାରତୀୟ ଶ୍ରମିକଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୬।୬:** ଇଟାଲୀରେ ଭାରତୀୟ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି। ଶ୍ରମିକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସଂସଦରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୂଚନା ଅନୁସାରେ, ଇଟାଲୀର ଏକ ଫାର୍ମରେ କାମ କରୁଥିବା ଜଣେ ଭାରତୀୟ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ବୈଦ୍ୟୁତିକ ଯନ୍ତ୍ରରେ ଘାଷ କାଟିବା ସମୟରେ ତାଙ୍କ ହାତ କଟି ଯାଇଥିଲା। ଏହାପରେ ତାଙ୍କର ସହଶ୍ରମିକମାନେ କଟା ହାତ ସହ ତାଙ୍କୁ ରାସ୍ତାରେ ଫିଙ୍ଗି ଦେଇଥିଲେ। ସେହିଠାରେ ପଡ଼ି ପଡି ଶେଷରେ ଶ୍ରମିକଙ୍କର ଜୀବନ ଚାଲି ଯାଇଥିଲା। ମୃତକ ଜଣକ ହେଉଛନ୍ତି ସତନମ ସିଂହ। ସେ ଆଇନଗତ କାଗଜପତ୍ର ବିନା ସେଠାରେ ଏକ କମ୍ପାନୀରେ କାମ କରୁଥିଲେ। ଗତ ସପ୍ତାହରେ ତାଙ୍କ ସହ ଏହି ଦୁର୍ଘଟଣା ଘଟିଥିଲା। ବର୍ତ୍ତମାନ ଏହି ଘଟଣା ସମଗ୍ର ଦେଶରେ ବ୍ୟାପକ ଆନ୍ଦୋଳନ ସୃଷ୍ଟି କରିଛି। ଆନ୍ଦୋଳନକାରୀମାନେ ସତନମ ପରିବାରକୁ ନ୍ୟାୟ ଦେବା ସହ ଶ୍ରମିକ ସୁରକ୍ଷା ଆଇନ ଆଣିବାକୁ ଦାବି କରିଛନ୍ତି। ଆନ୍ଦୋଳନ ତୀବ୍ର ହେବା ପରେ ଏବେ ମାମଲା ଇଟାଲୀ ସଂସଦରେ ପହଞ୍ଚିଛି। ଆଜି ପ୍ରଧାନମନ୍ତ୍ରୀ ମେଲୋନି ସଂସଦରେ ଏହି ପ୍ରସଙ୍ଗ ଉଠାଇ ଶୋକବ୍ୟକ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଚନ୍ଦ୍ରରୁ ମାଟି ଆଣିଲା ଚୀନ୍

**ବେଜିଂ, ୨୬।୬:** ଚାଇନାର ଚାଙ୍ଗ'ଇ-୬ ମହାକାଶ ଯାନ ପ୍ରଥମଥର ପାଇଁ ଚନ୍ଦ୍ରପୃଷ୍ଠରୁ ୨ କିଲୋଗ୍ରାମର ମାଟି ଓ ପଥରର ନମୁନା ଏକତ୍ର କରି ପୃଥିବୀକୁ ଫେରି ଉତ୍ତର ଚାଇନାରେ ଅବତରଣ କରିଛି। ପୃଥିବୀକୁ ଅଣାଯାଇଥିବା ଏହି ନମୁନାଗୁଡ଼ିକରେ ୨୫ ଲକ୍ଷ ବର୍ଷ ପୁରୁଣା ଆଗ୍ନେୟଗିରି ପଥର ଓ ଅନ୍ୟାନ୍ୟ ସାମଗ୍ରୀ ରହିଥିବା ଚାଇନାର ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏହି ନମୁନାଗୁଡ଼ିକର ପରୀକ୍ଷଣ ପରେ ଚନ୍ଦ୍ରର ଉଭୟ ମେରୁ ମଧ୍ୟରେ ରହିଥିବା ଭୌଗୋଳିକ ପାର୍ଥକ୍ୟ



ନେଇ ଜଣାପଡ଼ିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଗତ ମେ' ୩ରେ ଚାଇନାର ହେନାନଠାରୁ ଏହି ଚାଙ୍ଗ'ଇ-୬ ମିଶନ ଲଞ୍ଚ କରାଯାଇଥିଲା। ତେବେ ଏହି ମିଶନ ଅନୁଯାୟୀ ୨୦୩୦ ସୁଦ୍ଧା ମଣିଷଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବାକୁ ଚାଇନା ଲକ୍ଷ୍ୟ ରଖିଛି। ଏହି ମିଶନର ସଫଳତା ଚାଇନାର ସ୍ୱପ୍ନକୁ ସାକାର କରିପାରିଥିବା ନେଇ ରାଷ୍ଟ୍ରପତି ସି. ଜିନପିଙ୍ଗ୍ ପ୍ରକାଶ କରିଛନ୍ତି। ଏହା ଯୋଗୁଁ ଏବେ ଚାଇନା ଏକ ମହାକାଶ ଶକ୍ତି ହେବାର ନିକଟତର ହୋଇପାରିଛି। ସେହିପରି ୨୦୩୦ ସୁଦ୍ଧା ଚନ୍ଦ୍ରର ଦକ୍ଷିଣ ମେରୁରେ ଏକ ରିସର୍ଚ୍ଚ ବେସ୍ ନିର୍ମାଣ କରିବାକୁ ମଧ୍ୟ ଚାଇନା ଲକ୍ଷ୍ୟ ରଖିଛି।

## ପିତ୍ରୋଡା ହେଲେ କଂଗ୍ରେସର ବିଦେଶ ମୁଖ୍ୟ



**ନୂଆଦିଲ୍ଲୀ,୨୬।୬:** ସାମ ପିତ୍ରୋଡାଙ୍କୁ ଭାରତୀୟ ବିଦେଶ କଂଗ୍ରେସର ଅଧ୍ୟକ୍ଷ ଭାବରେ ପୁନଃ ନିଯୁକ୍ତ କରିଛି। କିଛି ସପ୍ତାହ ତଳେ ବର୍ଣ୍ଣ ବୈଷମ୍ୟ ମନ୍ତବ୍ୟକୁ ନେଇ ତାଙ୍କୁ ଏହି ପଦବୀରୁ ସେ ଇସ୍ତଫା ଦେଇଥିଲେ। ଦେଶରେ ନିର୍ବାଚନୀ ମାହୋଲ ସରଗରମ ଥିବା ବେଳେ ସେ ଏକ ବିବାଦୀୟ ମନ୍ତବ୍ୟ ଦେଇ କହିଥିଲେ ଯେ, 'ପୂର୍ବ ଭାରତୀୟମାନେ ଚାଇନିଜ ଭଳି ଏବଂ ଦକ୍ଷିଣ ଭାରତୀୟମାନ ଆଫ୍ରିକୀୟ ଭଳି ଦେଖାଯାନ୍ତି।' କଂଗ୍ରେସ ସଭାପତି ସାମ୍ ପିତ୍ରୋଡାଙ୍କୁ ପୁନଃ କଂଗ୍ରେସ ବିଦେଶ ମୁଖ୍ୟ ନିଯୁକ୍ତ କରିଛନ୍ତି ଏବଂ ଏହା ତତ୍‌କାଳ ପ୍ରଭାବ ସହିତ କାର୍ଯ୍ୟକାରୀ ହେଲା ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ନେତା କେ.ସି ଭେନୁଗୋପାଳ। ଆମେ ଭାରତ ଭଳି ବିବିଧ ଦେଶକୁ ଏକାଠି ରଖିପାରିବା – ଯେଉଁଠାରେ ପୂର୍ବର ଲୋକମାନେ ଚାଇନିଜ୍, ପଶ୍ଚିମରେ ଲୋକମାନେ ଆରବ ଭଳି ଦେଖାଯାଆନ୍ତି, ଉତ୍ତରରେ ଲୋକମାନେ ବୋଧହୁଏ ଧଳା ଏବଂ ଦକ୍ଷିଣର ଲୋକମାନେ ଆଫ୍ରିକୀୟ ପରି ଦେଖାଯାଉଛନ୍ତି। ଏଥିରେ କିଛି ଫରକ ପଡେ ନାହିଁ। ସମସ୍ତେ ଭାଇ ଓ ଭଉଣୀ ଅଟନ୍ତି ବୋଲି 'ଦି ଷ୍ଟେଟମ୍ୟାନ'କୁ ଏକ ସାକ୍ଷାତକାର ଦେଇ ପିତ୍ରୋଡା କହିଥିଲେ। ପିତ୍ରୋଡାଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ଘନେଇବା ପରେ କଂଗ୍ରେସ ଏହି ପ୍ରସଙ୍ଗରୁ ନିଜକୁ ଦୂରେଇ ରଖିଥିଲା। ପିତ୍ରୋଡ଼ାଙ୍କ ମତ ସହିତ କଂଗ୍ରେସ ଏକମତ ନୁହେଁ ବୋଲି ଜୟରାମ ରମେଶ କହିଥିଲେ।

# ଦେଶରେ ୫ ବର୍ଷରେ ହୋଇଛି ୬୫ ଥର ପ୍ରଶ୍ନପତ୍ର ଲିକ୍

**ନୂଆଦିଲ୍ଲୀ,୨୬।୬:** ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଦେଶରେ ବିବାଦ ଘନେଇଥିବା ବେଳେ ୨୦୧୯ ପର ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତର ୧୯ ରାଜ୍ୟରେ ୬୫ ଥର ପ୍ରଶ୍ନପତ୍ର ପ୍ରଘଟ ହେଲାଣି। ବୁଧବାର ଇଣ୍ଡିଆ ଟୁଡେ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି।

ଏହି କ୍ଷେତ୍ରରେ ଓଡ଼ିଶାର ନାଁ ମଧ୍ୟ ଆସିଛି। କାରଣ ଗତ ଦଶମ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଅଭିଯୋଗ ଆସିଥିଲା। ଦେଶର ବିଭିନ୍ନ ରାଜ୍ୟରେ ପ୍ରଶ୍ନପତ୍ର ପ୍ରଘଟ ହେବା ନେଇ ପୋଲିସ ପାଖରେ ରୁଜୁ ହୋଇଥିବା ମାମଲା ଏବଂ ବିଭିନ୍ନ ଗଣମାଧ୍ୟମର ରିପୋର୍ଟକୁ ଅନୁଧ୍ୟାନ କରାଯାଇ ଏହି ତଥ୍ୟ ପ୍ରସ୍ତୁତ କରାଯାଇଛି। ନ୍ୟାସନାଲ ଏଲିଜିବିଲିଟି କମ୍ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ୨୦୨୪ ପାଇଁ ପ୍ରଶ୍ନପତ୍ର ଲିକ୍ ବ୍ୟତୀତ ସର୍ବଭାରତୀୟ ସ୍ତରରେ ଅନ୍ୟ ଚାରିଟି ପ୍ରଶ୍ନପତ୍ର ପ୍ରଘଟ ଖବର ମଧ୍ୟ। ସେଗୁଡ଼ିକ ହେଉଛି, ୨୦୨୧ ରେ ସୈନ୍ୟ ନିଯୁକ୍ତି ପାଇଁ ଭାରତୀୟ ସେନାର ସାଧାରଣ ପ୍ରବେଶିକା ପରୀକ୍ଷା, କେନ୍ଦ୍ରୀୟ ଶିକ୍ଷକଙ୍କ ଯୋଗ୍ୟତା ପରୀକ୍ଷା (ସିଟିଇଟି) ୨୦୨୩, ନିଟ୍-ୟୁଜି ୨୦୨୧, ଏବଂ ମିଳିତ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ୨୦୨୧। ରାଜ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶରୁ ସର୍ବାଧିକ ୮ଟି ଘଟଣା ଦେଖିବାକୁ ମିଳିଥିଲା। ରାଜସ୍ଥାନ ଏବଂ ମହାରାଷ୍ଟ୍ର ସାତୋଟି ପ୍ରଶ୍ନପତ୍ର ପ୍ରଘଟ ସହିତ ମାମଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି, ତା'ପରେ ବିହାର (୬) ଏବଂ ଗୁଜୁରାଟ ଏବଂ ମଧ୍ୟପ୍ରଦେଶରେ ଚାରୋଟି ଲେଖାଏ ମାମଲା ରହିଛି। ଜାନୁଆରୀ ୧, ୨୦୧୯ ରୁ ଜୁନ୍ ୨୫, ୨୦୨୪ ମଧ୍ୟରେ ହରିୟାଣା,




କର୍ଣ୍ଣାଟକ, ଓଡିଶା ଏବଂ ପଶ୍ଚିମବଙ୍ଗରେ ତିନୋଟି ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା। ସେହିପରି ଦିଲ୍ଲୀ, ମଣିପୁର ଏବଂ ତେଲେଙ୍ଗାନା ପୃଥକ୍ ଭାବରେ ଦୁଇଟି ପ୍ରଶ୍ନପତ୍ର ପ୍ରଘଟ ହୋଇଥିବାବେଳେ ହିମାଚଳ ପ୍ରଦେଶ, ଉତ୍ତରପ୍ରଦେଶ, ଜମ୍ମୁ କଶ୍ମୀର, ଝାଡଖଣ୍ଡ, ଏବଂ ନାଗାଲାଣ୍ଡରେ ଗୋଟିଏ କାଗଜ ଲେଖାଏଁ ମାମଲା ରହିଛି। ମୋଟ ସଂଖ୍ୟା ମଧ୍ୟରୁ ସରକାରୀ ବିଭାଗରେ ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ଏହି ବିଶ୍ଳେଷଣରେ ଅନ୍ତର୍ଭୁକ୍ତ ୪୫ ଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା ଏବଂ ସେଥିମଧ୍ୟରୁ ଅତି କମରେ ୨୭ଟି ବାତିଲ କିମ୍ବା ସ୍ଥଗିତ ରଖାଯାଇଥିଲା। ଅଣ-ନିଯୁକ୍ତି ପରୀକ୍ଷାର ଅତିକମରେ ୧୭ଟି ରାଜ୍ୟ ବୋର୍ଡ ଏବଂ ବିଶ୍ୱବିଦ୍ୟାଳୟ ସହିତ ଜଡିତ ରହିଛି।

# କେନିୟାରେ ପ୍ରବଳ ହିଂସା, ଆଡଭାଇଜରୀ ଜାରିକଲା ଭାରତ

**ନୂଆଦିଲ୍ଲୀ,୨୬।୬:** କେନିୟାରେ ଜାରି ରହିଛି ହିଂସା। ବିକ୍ଷୋଭକାରୀ ଦେଶର ସଂସଦକୁ ଧସେଇ ପଶିବାକୁ ଉଦ୍ୟମ କରିବା ସହ ନିଆଁ ଲଗାଇ ଦେଇଛନ୍ତି। ଏହାପରେ ବିକ୍ଷୋଭକାରୀଙ୍କ ଉପରକୁ ପୁଲିସ ଗୁଳିମାଡ଼ କରିବା ସହ ଲୁହା ବୁହା ଗ୍ୟାସ୍ ପ୍ରୟୋଗ କରିଛି। କେନିୟା ରାଷ୍ଟ୍ରପତି ୱିଲିୟମ୍ ରୁଟୋ ହିଂସା ଏବଂ ଅରାଜକତା ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାରି ଭିତରେ ଭାରତ କେନିୟାରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ପାଇଁ ଆଡଭାଇଜରୀ ଜାରି କରିଛି।

ଭାରତ ପକ୍ଷରୁ ସୋଶାଲ ମିଡିଆ ହ୍ୟାଣ୍ଡେଲ ଏକ୍ସରେ ଏକ ଆଡଭାଇଜାରୀ ପୋଷ୍ଟ କରାଯାଇଛି। ଏଥିରେ ଅତ୍ୟଧିକ ସତର୍କତା ଅବଲମ୍ବନ କରିବାକୁ ତଥା ଅତ୍ୟାବଶ୍ୟକୀୟ ଆନ୍ଦୋଳନରୁ ଦୂରେଇ ରହିବାକୁ କେନିୟାରେ ଥିବା ଭାରତୀୟ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ଭାରତୀୟ ଉଚ୍ଚ ଆୟୋଗ କହିଛନ୍ତି ଯେ, କେନିୟାରେ ରହୁଥିବା ଭାରତୀୟ ନାଗରିକମାନେ ଅପଡେଟ୍ ପାଇଁ ସ୍ଥାନୀୟ ଖବର ଅନୁସରଣ କରିବା ଉଚିତ ଏବଂ ମିଶନର ୱେବସାଇଟ୍ ଓ ସୋସିଆଲ ମିଡିଆ ପାଳନ କରିବା ଉଚିତ୍। ଭାରତ ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି। ଏକ ସରକାରୀ ଆକଳନ ଅନୁଯାୟୀ, ବର୍ତ୍ତମାନ କେନିୟାରେ ପ୍ରାୟ ୨୦,୦୦୦ ଭାରତୀୟ ରହୁଛନ୍ତି। ମଙ୍ଗଳବାର ଟିକସ ବୃଦ୍ଧି ବିଲ୍‌କୁ ବରୋଧ କରି ବିକ୍ଷୋଭକାରୀମାନେ କେନିୟାର ସଂସଦରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ସଂସଦ ବିଲ୍ଡିଂରେ ନିଆଁ ଲଗାଇଦେଇଥିଲେ। ଏହାପରେ ପୁଲିସ ବିକ୍ଷୋଭକାରୀଙ୍କ ଉପରକୁ ଗୁଳିମାଡ଼ କରିବା ସହ ଲୁହ ବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଏଥିରେ ଅତି କମରେ ୫ ଜଣ ବିକ୍ଷୋଭକାରୀଙ୍କୁ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସାବତ ଭଉଣୀ ନାଇରୋବି ଓବାମା ମଧ୍ୟ ଏହି ବିକ୍ଷୋଭକାରୀଙ୍କ ମଧ୍ୟରେ ସାମିଲ ଥିଲେ, ଯେଉଁମାନଙ୍କ ଉପରେ ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା।

## ବାଚସ୍ପତିଙ୍କ ବୟାନକୁ ନେଇ ଲୋକସଭାରେ ହଙ୍ଗାମା

**ନୂଆଦିଲ୍ଲୀ,୨୬।୬:** ଲୋକ ସଭା ବାଚସ୍ପତି ପଦ ସମ୍ଭାଳିବା ପରେ ଓମ୍ ବିର୍ଲା ଜରୁରୀକାଳୀନ ପରିସ୍ଥିତି ଏବଂ ଇନ୍ଦିରା ଗାନ୍ଧୀଙ୍କୁ ନେଇ ବୟାନ ଦେଇଥିଲେ। ଏହାକୁ ନେଇ ଗୃହରେ ହଙ୍ଗାମା ଦେଖିବାକୁ ମିଳିଛି। ବିଶେଷକରି ବିରୋଧୀ ଦଳର ଏମ୍‌ପିମାନେ ଏହାକୁ ଦୃଢ଼ ପ୍ରତିବାଦ କରିଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ନାଗରିକମାନଙ୍କର ଅଧିକାର କ୍ଷୁର୍ଣ୍ଣ ହୋଇଥିଲା। ୧୯୭୫ରେ ଦେଶରେ ଜରୁରୀକାଳୀନ ସ୍ଥିତିକୁ ଲଗାଇ ଦିଆଯାଇଥିଲା। ଏହା ଭାରତୀୟ ଗଣତନ୍ତ୍ରରେ ଏକ କଳା ଅଧ୍ୟାୟ। ତତ୍‌କଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ସ୍ଥିତି ଲଗାଇ ସମ୍ବିଧାନ ଉପରେ ଆକ୍ରମଣ କରିଥିଲେ ବୋଲି କହି ଏହାକୁ ବାଚସ୍ପତି ନିନ୍ଦା କରିଥିଲେ। ଏହାକୁ ନେଇ ଗୃହରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ସଦସ୍ୟମାନେ ଜୋରଦାର ହଙ୍ଗାମା କରିବା ସହ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ବାଚସ୍ପତି ଜରୁରୀକାଳୀନ ସ୍ଥିତି ଉପରେ ଏକ ପ୍ରସ୍ତାବ ପଢ଼ି ଉକ୍ତ ସମୟରେ ମୃତ୍ୟୁବରଣ କରିଥିବା ନାଗରିକଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରିବାକୁ କହିଥିଲେ। ପରେ ଶାସକ ଦଳ ସଦସ୍ୟ କିଛି ସମୟ ନିରବ ରହିଥିଲେ ହେଁ ବିରୋଧୀ ନେତାମାନେ ସ୍ଲୋଗାନ ଦେବା ଜାରି ରଖିଥିଲେ।

# ପୁଣି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କଲେ କିମ୍ ଜୋଙ୍ଗ୍

**ସିଓଲ,୨୬।୬:** ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍ ଉନ୍ ଉତ୍ତର କୋରିଆ ଉପଦ୍ୱୀପରୁ ସମୁଦ୍ରକୁ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରିଛି। ଏହି ସମୟରେ ଦକ୍ଷିଣକୋରିଆ ସେନା କହିଛି ଉତ୍ତରରେ ଉତ୍ତର କୋରିଆ ବୁଧବାର ଭୋର୍ ପ୍ରାୟ ସାଢ଼େ ୫ଟାରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି ଏବଂ ଏହା ସଫଳ ହୋଇ ନ ଥିବା ଜଣାପଡିଛି। ୟୋନହାପ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ ଉତ୍ତର କୋରିଆ ବୁଧବାରେ ସମୁଦ୍ର ଆଡକୁ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରିଛି। ଦକ୍ଷିଣ କୋରିଆର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ କହିଛନ୍ତି ଯେ, ଆମେ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣକୁ ଚିହ୍ନଟ କରିଛୁ କିନ୍ତୁ କୌଣସି ସଠିକ୍ ବିବରଣୀ ଆମ ପାଖରେ ନାହିଁ। ଏନେଇ ଏକ ବିଶ୍ଳେଷଣ ଚାଲିଛି। ଜାପାନ





ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ କାର୍ଯ୍ୟାଳୟ ଏକ୍ସରେ ନିଶ୍ଚିତ କରିଛି ଉତ୍ତର କୋରିଆ ଏକ ସନ୍ଦିଗ୍ଧ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରିଛି। ଉତ୍ତର କୋରିଆରୁ ସନ୍ଦିଗ୍ଧ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଜାପାନରେ ପହଞ୍ଚିବା ଆଶା କରାଯାଉନାହିଁ ବୋଲି ଜାପାନ ସାଗର ପ୍ରୋଜେକ୍ଟ କହିଛି। ସୀମାରେ ଉତ୍ତେଜନା ମଧ୍ୟରେ କିମ୍ ଏହି ଉତ୍‌କ୍ଷେପଣ କରିଛନ୍ତି। ଏହା ପୂର୍ବରୁ କିମ୍ ଦକ୍ଷିଣ କୋରିଆକୁ ଅଳିଆ ପରିବହନ କରୁଥିବା ବେଲୁନ୍ ପଠାଉଥିବା ଅଭିଯୋଗ ହୋଇଥିଲା। ଏହା ପୂର୍ବରୁ ଉତ୍ତର କୋରିଆର ଶେଷ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ମେ' ୩୦ରେ ହୋଇଥିଲା। ଯେତେବେଳେ ସିଓଲ ପ୍ୟୋଙ୍ଗୟାଙ୍ଗକୁ ପ୍ରାୟ ୧୦ଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରିଥିବାର ଅଭିଯୋଗ ହୋଇଥିଲା। ଗୋଟିଏ ଦିନ ପରେ ଉତ୍ତର କୋରିଆ ରାଜ୍ୟ ଗଣମାଧ୍ୟମ ନେତା କିମ୍ ଜୋଙ୍ଗ ଉନଙ୍କ ଏକାଧିକ ରକେଟ୍ ଲଞ୍ଚର୍ ସିଷ୍ଟମର ପରୀକ୍ଷଣର ତଦାରଖ କରୁଥିବା ଚିତ୍ର ପ୍ରକାଶ କରିଥିଲେ। ବିଶ୍ଳେଷକମାନେ ମତ ଦେଇଛନ୍ତି ଆଣବିକ ଅସ୍ତ୍ରଶସ୍ତ୍ର ୟୁକ୍ରେନରେ ବ୍ୟବହାର ପାଇଁ ରୁଷିଆକୁ ପଠାଇବା ପୂର୍ବରୁ କିମ୍ ଆର୍ଟିଲିରି ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ଉତ୍ପାଦନକୁ ପରୀକ୍ଷଣ ଏବଂ ବୃଦ୍ଧି କରିପାରନ୍ତି। ଗତ ମାସରେ ଏକ ରିପୋର୍ଟରେ ପେଣ୍ଟାଗନ୍ କହିଥିଲା କିମ୍ ଏହି ଆଚରଣକୁ ନିଶ୍ଚିତ କରିଛନ୍ତି।

## ସୁରକ୍ଷାରେ ତ୍ରୁଟି, ପ୍ରଧାନମନ୍ତ୍ରୀଙ୍କ ଘରେ ପଶିଲେ ୪ବ୍ୟକ୍ତି

**ନୂଆଦିଲ୍ଲୀ,୨୬।୬:** ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ବଡ଼ ତ୍ରୁଟି। ଜୋର ଜବରଦସ୍ତି ଘରେ ପଶିଗଲେ ୪ ବ୍ୟକ୍ତି। ଗୋଟିଏ ପଟେ ବ୍ରିଟେନରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ଜାରି ରିହଥିବା ବେଳେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସୁରକ୍ଷାରେ ଏଭଳି କିଛି ବଡ ଧରଣ ତ୍ରୁଟି ଦେଖିବାକୁ ମିଳିଛି। ଉତ୍ତର ଇଂଲଣ୍ଡ ସ୍ଥିତ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନାକଙ୍କ ଆବାସିକ କମ୍ପ୍ଲେକ୍ସରେ ବେଆଇନ ଭାବେ ୪ଜଣ ବ୍ୟକ୍ତି ପଶି ଯାଇଥିଲେ। ଏହାପରେ ସେମାନଙ୍କୁ ଗିରଫ କରାଯାଇଛି। ଏନେଇ ପୁଲିସ ସୂଚନା ଦେଇଛି। ନର୍ଥ ୟର୍କଶାୟର ପୁଲିସର କହିବା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ଏନେଇ ସୂଚନା ମିଳିଥିଲା।





ଏହାପରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ସମସ୍ତ ୪ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ବର୍ତ୍ତମାନ ପୂରା ମାମଲାର ଯାଞ୍ଚ ଜାରି ରହିଛି। ଉତ୍ତର ୟର୍କଶାୟାରର କିର୍ବି ସିଗଷ୍ଟନ୍ ଗାଁରେ ଏକ ଋଷି ସୁନକଙ୍କ ଘର ଅଛି। ଏହାକୁ ସେ ୨୦୧୫ରେ କିଣିଥିଲେ। ଏହାରି ଭିତରେ 'ୟୁଥ୍ ଡିମାଣ୍ଡ' ନାମକ ସଂଗଠନ ଏକ ଭିଡିଓ ସେୟାର କରିଛି, ଯେଉଁଥିରେ ଏହି ଗୋଷ୍ଠୀର ଜଣେ ସଦସ୍ୟ ପିଏମ ସୁନକଙ୍କ ଆବାସିକ କମ୍ପ୍ଲେକ୍ସରେ ଥିବା ଏକ ପୋଖରୀ ନିକଟରେ ବୁଲୁଥିବା ଦେଖିବାକୁ ମିଳିଥିଲା।

# ଆଜି ସେମି ମୁକାବିଲା : ପ୍ରବଳ ବର୍ଷା ସମ୍ଭାବନା



ଗାୟାନା, ୨୬।୬(ଏଜେନ୍ସି): ଚଳିତ ଆଇସିସି ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତର ମୁକାବିଲା ଇଂଲଣ୍ଡ ସହିତ ହେବ ଏହି ମ୍ୟାଚ୍ ଗାଏନାସ୍ଥିତ ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଗୁରୁବାର ରାତି ୮ଟାରେ ଖେଳାଯିବ। କିନ୍ତୁ ମ୍ୟାଚ୍ ଦିନ ଏଠାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଗୁରୁବାର ସକାଳେ ଗାଏନାରେ ୮୮ ପ୍ରତିଶତ ବର୍ଷା ହେବା ଆଶଙ୍କା ରହିଛି। ଏପରିକି ପ୍ରବଳ ଘଡ଼ଘଡି ମାରିବା ସମ୍ଭାବନା ୧୮ ପ୍ରତିଶତ ଅଛି।ସ୍ଥାନୀୟ ସମୟ ଦିନ ୧୦ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ। ତେଣୁ ଦ୍ୱିତୀୟ ସେମିଫାଇନାଲ୍ ସୁରୁଖୁରୁରେ ଆୟୋଜନ ହେବା ନେଇ ଆଶଙ୍କା ଦେଖାଦେଇଛି।

ଟି-୨୦ ବିଶ୍ୱକପର ସପୁର ୮ରେ ଶେଷ ମୁକାବିଲା ନାଟକୀୟ ଢଙ୍ଗରେ ଶେଷ ହୋଇଛି।ସମସ୍ତଙ୍କୁ ଚକିତ କରି ପ୍ରଥମଥର ପାଇଁ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି ଦଳ ଦକ୍ଷିଣ ଆଫ୍ରିକା ସହ ମ୍ୟାଚ୍ ଖେଳିବ।

ଭାରତର ମୁକବିଲା ଦ୍ୱିତୀୟ ସେମିରେ ଇଂଲଣ୍ଡ ସହ ହେବ ୨୦୨୨ରେ ଇଂଲଣ୍ଡ ୧୦ ୱିକେଟରେ ଭାରତକୁ ସେମିଫାଇନାଲରେ ହରାଇବା ପରେ ଫାଇନାଲରେ ଟ୍ରଫି ଜିତିଥିଲା।ତେଣୁ ଭାରତ ପାଖରେ ଏହାର ମଧୁର ପ୍ରତିଶୋଧ ନେବାର ସୁଯୋଗ ରହିଛି। ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ ପ୍ରଥମ ସେମିଫାଇନାଲରେ ମୁହାଁମୁହିଁ ହେବେ। ଗୁରୁବାର ଭାରତୀୟ ସମୟ ସକାଳ ୬ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ଭାରତ ଓ ଇଂଲଣ୍ଡ ଭାରତୀୟ ସମୟ ସନ୍ଧ୍ୟା ୮ରେ ଗାୟାନାରେ ମୁହାଁମୁହିଁ ହେବେ।

ଟୁର୍ଣ୍ଣାମେଣ୍ଟ ପୂର୍ବରୁ ହିଁ ଭାରତ ଗାୟାନାରେ ସେମି ଫାଇନାଲ ଖେଳିବ ବୋଲି ସ୍ଥିର ହୋଇଥିଲା । ଦୁଇଟି ଯାକ ଭେନ୍ୟୁର ପ୍ଲେଇଂ କଣ୍ଡିସନ ପୂରା ଭିନ୍ନ ଭାରତ-ଇଂଲଣ୍ଡ ସେମି ଫାଇନାଲ ପାଇଁ କୌଣସି ପ୍ରକାରର ସଂରକ୍ଷିତ ଦିବସ ନାହିଁ। କାରଣ ସେମି ଓ ଫାଇନାଲ ମଧ୍ୟରେ କେବଳ ଗୋଟିଏ ଦିନର ଗ୍ୟାପ ରହୁଛି। ଗୁରୁବାର ସେମି ଫାଇନାଲ ଖେଳାଯିବାକୁ ଥିବା ବେଳେ ଶନିବାର ଫାଇନାଲ ଅନୁଷ୍ଠିତ ହେବ।

ତେବେ ଭାରତ ଓ ଇଂଲଣ୍ଡ ମ୍ୟାଚ ପାଇଁ ମୋଟ ୨୫୦ ମିନିଟ ବା ୪ ଘଣ୍ଟା ୧୦ ମିନିଟର ସମୟ ରଖାଯାଇଛି। ଏହାର ଅର୍ଥ ବର୍ଷା ବାଧକ ହେଲେ ମଧ୍ୟ ମ୍ୟାଚ୍ ସେହି ଦିନ ସାରିବାକୁ ଯୋଜନା ରହିଛି। ପ୍ରଥମ ସେମି ଫାଇନାଲ ପାଇଁ ସେହିଦିନ ଅତିରିକ୍ତ ୬୦ ମିନିଟ ଓ ସଂରକ୍ଷଣ ଦିବସରେ ୧୯୦ ମିନିଟ ସମୟ ରଖାଯାଇଛି ଏହି ୧୯୦ ମିନିଟ ସ୍ଥାନୀୟ ସମୟ ଦିନ ୨ଟାରୁ ଆରମ୍ଭ ହେବ।

ସେହିପରି ସେମି ଓ ଫାଇନାଲ ମ୍ୟାଚ୍‌ର ରେଜଲ୍ଟ ପାଇଁ ସର୍ବନିମ୍ନ ୧୦ ଓଭର ରଖାଯାଇଛି ଏହାର ଅର୍ଥ ବର୍ଷା ହେଲେ ଆଉ ୫ ଓଭର ପରେ ଡିଏଲଏସ୍ ଲାଗୁ ହେବ ନାହିଁ ୧୦ ଓଭର ପରେ ଏହି ନିୟମ ଲାଗୁ କରାଯିବ ଲିଗ ଓ ସୁପର ୮ରେ ଏହା ସର୍ବନିମ୍ନ ୫ ଓଭର ରହିଥିଲା।

ଉଭୟ ଭେନ୍ୟୁର ପାଣିପାଗକୁ ଦୃଷ୍ଟିରେ ରଖି ଏପରି ବ୍ୟବସ୍ଥା ଲାଗୁ କରାଯାଇଛି। ଦୁଇଟି ଯାକ ମ୍ୟାଚ୍ ଉପରେ ବର୍ଷା ବାଧକ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି।

ଯଦି ବର୍ଷା ଯୋଗୁ ଭାରତ ଓ ଇଂଲଣ୍ଡ ମ୍ୟାଚ ବାତିଲ ହୋଇଯାଏ, ତାହେଲେ କେଉଁ ଦଳ ଫାଇନାଲକୁ ଯିବ ? ଏହାର ଉତ୍ତର ହେଉଛି ଭାରତ କାରଣ ଭାରତ ଏଯାଏ ଅପରାଜେୟ ରହିଛି। ସୁପର ୮ରେ ୧ନଂରେ ରହି ସେମି ଫାଇନାଲକୁ ଆସିଥିବା ଦଳ ମ୍ୟାଚ୍ ବାତିଲ ହେଲେ ସିଧା ଫାଇନାଲରେ ପ୍ରବେଶ କରିବ ସମାନ ନିୟମ ଦକ୍ଷିଣ ଆଫ୍ରିକା କ୍ଷେତ୍ରରେ ମଧ୍ୟ ଲାଗୁ ହେବ। କାରଣ ଦକ୍ଷିଣ ଆଫ୍ରିକା ମଧ୍ୟ ଅପରାଜେୟ ରହି ସେମିକୁ ଯାଇଛି। ଅନ୍ୟପକ୍ଷରେ ଜୁନ ୨୯ରେ ଯଦି ବର୍ଷା ହୁଏ, ତାହେଲେ ଫାଇନାଲକୁ ଯାଇଥିବା ଉଭୟ ଦଳକୁ ମିଳିତ ବିଜେତା ଘୋଷଣା କରାଯିବ।

## ରାଜନୀତିରୁ ଭୁଟିଆଙ୍କ ସନ୍ୟାସ ଘୋଷଣା

ଗୁଆହାଟୀ, ୨୬।୬(ଏଜେନ୍ସି): ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୁଟିଆ। ରାଜନୀତିରୁ ସନ୍ୟାସ ଘୋଷଣା କରିଛନ୍ତି। ନିକଟରେ ଶେଷ ହୋଇଥିବା ସିକ୍କିମ୍ ବିଧାନସଭା ନିର୍ବାଚନରେ ପରାଜୟ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ସିକ୍କିମ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏସଡିଏଫ୍) ଉପ-ସଭାପତି ବାଇଚୁଙ୍ଗ ଭୁଟିଆ। ବାରଫୁଙ୍ଗ ଆସନକୁ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସଏକେଏମ) ପ୍ରାର୍ଥୀ ରିକଶାଲ ଦର୍ଜି ଭୁଟିଆଙ୍କୁ ପରାଜିତ କରିଥିଲେ ନିର୍ବାଚନରେ ଏହା ହେଉଛି ତାଙ୍କର ଷଷ୍ଠ ପରାଜୟ।



ଭାଇଚୁଙ୍ଗ ଭୁଟିଆ ୨୦୧୪ରେ ରାଜନୀତିରେ ପ୍ରବେଶ କରିଥିଲେ। ସେହି ସମୟ ମଧ୍ୟରେ ଟିଏମସି ତାଙ୍କୁ ଦାର୍ଜିଲିଂ ଲୋକସଭା ଆସନରୁ ପ୍ରାର୍ଥୀ କରିଥିଲା।କିନ୍ତୁ ସେ ନିର୍ବାଚନରେ ହାରିଗଲେ। ଏହା ପରେ ସେ ୨୦୧୮ରେ ହମରୋ ସିକ୍କିମ୍ ପାର୍ଟି ଗଠନ କରିଥିଲେ।

ଏହା ପରେ ସେ ୨୦୧୯ରେ ସିକ୍କିମରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଦୁଇଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ଉଭୟ ଆସନରେ ହାରି ଯାଇଥିଲେ। ଗତ ବର୍ଷ ସେ ତାଙ୍କ ପାର୍ଟିକୁ ପନ ଛମଲିଙ୍ଗ ନେତୃତ୍ୱାଧୀନ ଏସଡିଏଫ ସହିତ ମିଶ୍ରଣ କରିଥିଲେ। ଭୁଟିଆ କହିଛନ୍ତି, ସର୍ବପ୍ରଥମେ ମୁଁ ବିଧାନସଭା ନିର୍ବାଚନରେ ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ଏବଂ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚାକୁ ଅଭିନନ୍ଦନ ଜଣାଉଛି। ସିକ୍କିମର ଲୋକମାନେ ତାଙ୍କୁ ଏକ ବଡ଼ ଜନାଦେଶ ଦେଇଛନ୍ତି।ମୁଁ ଆଶା କରୁଛି ଏସକେଏମ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିବେ ଏବଂ ସିକ୍କିମକୁ ସବୁ କ୍ଷେତ୍ରରେ ନୂତନ ଉଚ୍ଚତାକୁ ନେଇଯିବେ। ସେ କହିଛନ୍ତି ୨୦୨୪ ନିର୍ବାଚନ ଫଳାଫଳ ପରେ ମୁଁ ଅନୁଭବ କଲି ମୋ ପାଇଁ ରାଜନୀତି ଠିକ୍ ନୁହେଁ।ଏହା ମୋ ପାଇଁ ବୋଧେ ତିଆରି ହୋଇ ନାହିଁ।ତେଣୁ ମୁଁ ତୁରନ୍ତ ପ୍ରଭାବ ସହିତ ସମସ୍ତ ପ୍ରକାର ନିର୍ବାଚନ ରାଜନୀତିରୁ ଅବସର ନେଉଛି।

## ହଜ୍ ଯାତ୍ରା ପୂରା କରି ଖୁସି ହେଲେ ସାନିଆ



ନୂଆଦିଲ୍ଲୀ, ୨୬।୬: ସାନିଆ ଭାରତର ସର୍ବଶ୍ରେଷ୍ଠ ମହିଳା ଟେନିସ୍ ଖେଳାଳି ହୋଇଥିବା ବେଳେ ସାମି ଚମ୍ପିଅନ୍ ପେସ୍ ବୋଲର ନିକଟରେ ସାନିଆ ମିର୍ଜା ଏବଂ ମହମ୍ମଦ ଶାମି ବିବାହ କରିବାକୁ ଯାଉଥିବା ନେଇ ଏକ ଗୁଜବ ପ୍ରଚାର ଆରମ୍ଭ ହୋଇଯାଇଛି।

ଏଭଳି ପ୍ରଚାର ମଧ୍ୟରେ ସାନିଆ ମିର୍ଜା ତାଙ୍କ ହଜ ଯାତ୍ରା ପୁରା କରିଛନ୍ତି। ଏହି ଯାତ୍ରା ମୁସଲମାନ ସମ୍ପ୍ରଦାୟ ପାଇଁ ମହତ୍ତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମିକ ଭାବେ ସମୃଦ୍ଧ ଯାତ୍ରା ରହିଛି। ସାନିଆ ମିର୍ଜା ତାଙ୍କ ବାପା ଇମରାନ ମିର୍ଜା, ଭଉଣୀ ଅନମ ମିର୍ଜା ଓ ଭିଣୋଇ ଅସଦୁଦ୍ଦିନ ସହିତ ପୁରା କରିଛନ୍ତି। ସୋସିଆଲ ମିଡିଆରେ ପରିବାର ସହିତ ହଜ ଯାତ୍ରା ପୁରା କରିଥିବାର ସାନିଆଙ୍କ ଏକ ଫଟୋ ସାମ୍ନାକୁ ଆସିଛି। ଏହି ଯାତ୍ରା ପୁରା କରି ସାନିଆ ଖୁବ ଖୁସି ଥିବା ଫଟୋରୁ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଭାରତୀୟ ଟେନିସ୍ ଆଇକନ୍ ସାନିଆ ମିର୍ଜା ନିକଟରେ କ୍ରିକେଟର ସ୍ୱାମୀ ସୋଏବ ମଲିକଙ୍କଠାରୁ ଅଲଗା ହେବାର ପ୍ରାୟ ୫ ମାସ ପରେ ହଜ୍ ପାଇଁ ଏକ ପବିତ୍ର ଯାତ୍ରା ଆରମ୍ଭ କରିଥିଲେ। ପ୍ରଫେସନାଲ ଟେନିସରୁ ଅବସର ନେଇଥିବା ସାନିଆ, ସଦ୍ୟତମ ଫ୍ରେଞ୍ଚ ଓପନ୍ ୨୦୨୪ ପାଇଁ ଭାବରେ କାର୍ଯ୍ୟ କରୁଥିଲେ। ସୋସିଆଲ ମିଡିଆରେ ସେ ଏକ ପୋଷ୍ଟ୍ କରି ଲେଖିଥିଲେ ଯେ ପରିବର୍ତ୍ତନଶୀଳ ଅଭିଜ୍ଞତା ପାଇଁ ପ୍ରସ୍ତୁତ ହେଉଛନ୍ତି। ଯାହାକି ସେ ଜଣେ ଭଲ ମଣିଷ ଭାବରେ ଫେରିବାକୁ ଆଶା କରନ୍ତି।

## ବଲ୍ ଟାମ୍ପରିଂ ଅଭିଯୋଗ ଆଣିଲେ ଇଞ୍ଜାମାମ

ନୂଆଦିଲ୍ଲୀ, ୨୬।୬: ପୂର୍ବତନ ପାକିସ୍ତାନ କ୍ରିକେଟର ତଥା ଅଧିନାୟକ ଇଞ୍ଜାମାମ-ଉଲ-ହକ ଏକ ବିଚିତ୍ର ଦାବି କରିଛନ୍ତି ଯେ ଭାରତର ଦ୍ରୁତ ବୋଲର ମାନେ ୨୦୨୪ ଟି -୨୦ ବିଶ୍ୱକପ ଅଭିଯାନରେ ଲଗାତାର ବଲରେ ଟାମ୍ପରିଂ କରୁଛନ୍ତି।ଇଞ୍ଜାମାମ କହିଛନ୍ତି ଯେ ଭାରତର ବୋଲରମାନେ ବଲକୁ ରିଭର୍ସ ସୁଇଙ୍ଗ୍ ସୁନିଶ୍ଚିତ କରିବା ପାଇଁ ବଲ୍ ଟାମ୍ପରିଂ କରୁଛନ୍ତି, ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ସେମାନଙ୍କ ସଫଳତା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । ଇଞ୍ଜାମାମ ଏବଂ ଅନ୍ୟ ଜଣେ ପୂର୍ବତନ ପାକିସ୍ତାନୀ ଅଧିନାୟକ ସଲିମ ମଲିକ ଜୁନ୍ ୨୪ ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ସୁପର ୮ ମୁକାବିଲାରେ ଅର୍ଶଦୀପଙ୍କ ରିଭର୍ସ ସୁଇଙ୍ଗ ସମ୍ପର୍କରେ ଆଲୋଚନା କରି ଏପରି କହିଛନ୍ତି ଉଭୟ ପୂର୍ବତନ କ୍ରିକେଟର ଦାବି କରିଛନ୍ତି ଯେ ୧୪ କିମ୍ବା ୧୫ ଓଭରରେ ଏକ ପେସର ପାଇଁ ବଲ୍ ରିଭର୍ସ ସୁଇଙ୍ଗ୍ ପାଇବା ସହଜ ନୁହେଁ।

## ଭାରତକୁ ୨୦୨୨ ବିଶ୍ୱକପ୍ କଥା ମନେ ପକାଇଲେ ବଟଲର

ୱାଶିଂଟନ, ୨୬।୬: ଟି-୨୦ ବିଶ୍‌କପ ୨୦୨୪ରେ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଭାରତୀୟ ସମୟ ରାତି ୮ଟାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ଜିତିବା ଦ୍ୱାରା ଉଭୟ ଦଳ ଟାଇଟଲ୍ ମ୍ୟାଚ୍ ପାଇଁ ଟିକେଟ୍ ପାଇବାକୁ ଚାହୁଁଛନ୍ତି। ଉଭୟ ଦଳ ସେମାନଙ୍କର ପ୍ରସ୍ତୁତିକୁ ଜୋରଦାର୍ କରିବାରେ ବ୍ୟସ୍ତ ଅଛନ୍ତି। ଏହି ସମୟରେ ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର ଟିମ୍ ଇଣ୍ଡିଆକୁ ହରାଇବା ପାଇଁ ସେମିଫାଇନାଲ ପୂର୍ବରୁ ମାଇଣ୍ଡ ଗେମ୍ ଆରମ୍ଭ କରିଛନ୍ତି।ସେ ଭାରତୀୟ ଦଳ ଉପରେ ଏଭଳି ମନ୍ତବ୍ୟ ଦେଇଛନ୍ତି ଯାହାକୁ ମାଇଣ୍ଡ ଗେମ୍ ଭାବେ ଦେଖାଯାଉଛି।




ଇଂଲଣ୍ଡ ଅଧିନାୟକ ମାଇଣ୍ଡ ଗେମ୍ ଅନ୍ତର୍ଗତ ଭାରତୀୟ ଦଳର ଖେଳକୁ ପ୍ରଶଂସା କରିଛନ୍ତି। ଜୋସ୍ ବଟଲର୍ କହିଛନ୍ତି, ଭାରତ ଆକ୍ରମଣାତ୍ମକ ଖେଳୁଛି। ମୁଁ ଜାଣେ ଭାରତ ଆକ୍ରମଣାତ୍ମକ ଖେଳିବ। ଆମେ ଯେଉଁଭଳି ଖେଳୁଛୁ ସେହିଭଳି ଖେଳିବୁ।ଦୁଇ ଦଳ ମଧ୍ୟରେ ଏକ ଭଲ ମୁକାବିଲା ହେବ।କ୍ୟାପଟେନ ଜୋସ୍ ବଟଲର ଏକ ମିଡିଆ ଚ୍ୟାନେଲ ସହ କଥାବାର୍ତ୍ତା କରୁଥିବାବେଳେ ଗତ ବିଶ୍ୱକପକୁ ମନେ ପକାଇଥିଲେ। ସେ କହିଛନ୍ତି ୨୦୨୨ ବିଶ୍ୱକପ୍ ସର୍ବୋତ୍ତମ ସ୍ମୃତି ମଧ୍ୟରୁ ଅନ୍ୟତମ। ଆମେ ସେହି ମ୍ୟାଚ୍‌ରେ ଭଲ ଖେଳିଥିଲୁ, ଯାହା ଆମ ପଥକୁ ସହଜ କରିଥିଲା। କିନ୍ତୁ ଏଥର, ଯେଉଁ ଆକ୍ରମଣାତ୍ମକ ଶୈଳୀରେ ଭାରତ ଖେଳୁଛି, ଆମର ଖେଳାଳିମାନେ ସତର୍କ ହେବା ଉଚିତ।

୨୦୨୨ ବିଶ୍ୱକପରେ ଭାରତ ଏବଂ ଇଂଲଣ୍ଡ କେବଳ ସେମିଫାଇନାଲରେ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ଖେଳି ଭାରତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର୍ କେ.ଏଲ୍ ରାହୁଲ ୫ ବଲରେ ୫ ରନ୍ ଏବଂ ରୋହିତ ଶର୍ମା ୨୮ ବଲରେ ୨୭ ରନ୍ ସଂଗ୍ରହ କରିଥିଲେ। ଏହା ପରେ ବିରାଟ କୋହଲି ୪୦ ବଲରେ ୫୦ ରନ୍, ସୂର୍ଯ୍ୟକୁମାର ଯାଦବ ୧୦ ବଲରେ ୧୪ ରନ୍, ହାର୍ଦ୍ଦିକ ପାଣ୍ଡ୍ୟା ୩୩ ବଲରେ ୬୩ ରନ୍ ସଂଗ୍ରହ କରିଥିଲେ। ଏହି ସମୟରେ ଋଷଭ ପନ୍ତ ୪ ବଲରେ ୬ ରନ୍ କରିଥିଲେ। ଇଂଲଣ୍ଡ ବୋଲର କ୍ରିସ ଜୋର୍ଡାନ ଭାରତ ପାଇଁ ୱିକେଟ୍ ନେଇଥିଲେ।

ଇଂଲଣ୍ଡକୁ ଭାରତ ୧୬୯ ରନ୍‌ର ଟାର୍ଗେଟ ଦେଇଥିଲା। ଇଂଲଣ୍ଡର ଓପନର୍ ଜୋସ୍ ବଟଲର୍ ୪୯ ବଲରେ ୮୦ ରନ୍ ସଂଗ୍ରହ କରିଥିଲେ ଏବଂ ଆଲେକ୍ସ ହାଲ୍ସ ୪୭ ବଲରେ ୮୬ ରନ୍ ସଂଗ୍ରହ କରି ଭାରତକୁ ଏକପାଖିଆ ପରାସ୍ତ କରିଥିଲେ। ଉଭୟ ଖେଳାଳି ମାତ୍ର ୧୬ ଓଭରରେ ୧୬୯ ରନ୍ ଲକ୍ଷ୍ୟ ହାସଲ କରିଥିଲେ। ଭାରତୀୟ ବୋଲର ଭୁବନେଶ୍ୱର କୁମାର, ମହମ୍ମଦ ଶାମି, ଆର ଅଶ୍ୱିନ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ମହଙ୍ଗା ସାବ୍ୟସ୍ତ ହୋଇଥିଲେ ଇଂଲଣ୍ଡ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା।

## ଆଫଗାନିସ୍ତାନ ଖେଳାଳିଙ୍କ ନାଟକକୁ ନିନ୍ଦା



କିଙ୍ଗ୍‌ସଟାଉନ୍, ୨୬।୬: ବାଂଲାଦେଶକୁ ହରାଇ ଆଫଗାନିସ୍ତାନ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପହଞ୍ଚିଛି କିନ୍ତୁ ଖେଳ ଶେଷ ହେବା ପୂର୍ବରୁ ଆଫଗାନିସ୍ତାନ ଖେଳାଳି ଓ ପ୍ରଶିକ୍ଷକଙ୍କ କିଛି ଆଚରଣ ଏହି ଦଳକୁ ନିନ୍ଦିତ କରିଛି। ସୁପର-୮ର ଏହି ଶେଷ ମ୍ୟାଚ୍‌ରେ ଆଫଗାନିସ୍ତାନର ୧୧୫/୮କୁ ବାଂଲାଦେଶ ପିଛା କରୁଥିବା ବେଳେ ବର୍ଷା ଯୋଗୁଁ ଏକାଧିକ ଥର ଖେଳାଳିମାନେ ପଡ଼ିଆ ଛାଡ଼ିଥିଲେ। କିନ୍ତୁ ଯେତେବେଳେ ବାଂଲାଦେଶର ସ୍କୋର ୮୧/୭ ହୋଇଥିଲା ଓ ଡିଏଲ୍‌ଏସ୍ ପଦ୍ଧତି ଅନୁସାରେ ଦଳକୁ ୧୯ ଓଭରରେ ୧୧୪ ରନ୍ ଲକ୍ଷ୍ୟ ଦିଆଯାଇଥିଲା। ମ୍ୟାଚ୍ ପୁନଃ ଆରମ୍ଭ ବେଳେ ଏକ ନାଟକୀୟ ସ୍ଥିତି ଦେଖିବାକୁ ମିଳିଥିଲା। ଏହି ସମୟରେ ଆଫଗାନିସ୍ତାନ ପାର୍ ସ୍କୋରରେ ଆଗୁଆ ଥିଲା। ଖେଳକୁ ଧୀମା କରିବା ପାଇଁ ପ୍ରଶିକ୍ଷକ ଯୋନାଥନ୍ ଟ୍ରଟ୍ ଖେଳାଳିମାନଙ୍କୁ ସଂକେତତ ଦେଇଥିଲେ। ଦ୍ୱାଦଶ ଓଭର ଆରମ୍ଭ ହେବା ସମୟରେ ଏହି ଘଟଣା ଘଟିଥିଲା। ପ୍ରଶିକ୍ଷକଙ୍କଠୁ ସଙ୍କେତ ପାଇବା ପରେ ସ୍ଲିପ୍ ଅଞ୍ଚଳରେ ଗୁଲବଦ୍ଦିନ୍ ନାଏବ୍ ଜଙ୍ଘ ମାଂସପେଶୀରେ ଆଘାତ ଲାଗିବା ବାହାନା କରି ତଳେ ପଡ଼ିଯାଇଥିଲେ। କିନ୍ତୁ ଅଧିନାୟକ ରସିଦ ଖାନ୍ ଏସବୁ ବିଷୟରେ ଅଜଣା ଥିବା ପରି ମନେ ହେଉଥିଲେ ଓ ଖେଳକୁ ବିଳମ୍ବିତ କରାଯାଉଥିବାରୁ ଅସନ୍ତୁଷ୍ଟ ଜଣାପଡୁଥିଲେ। ଏହା ସତ୍ତ୍ୱେ ଖେଳ ସମ୍ଭବ ହୋଇଥିଲା ଓ ବାଂଲାଦେଶକୁ ୧୭.୫ ଓଭରରେ ଅଲ୍‌ଆଉଟ୍ କରିବାରେ ଆଫଗାନିସ୍ତାନ ବୋଲର ସଫଳ ହୋଇଥିଲେ। ସଫଳତା ସତ୍ତ୍ୱେ ଗୁଲବଦ୍ଦିନ୍ ଓ ଟ୍ରଟ୍‌ଙ୍କ ଅଣଖେଳୁଆଡ଼ ମନୋଭାବକୁ ନେଇ ଭାଷ୍ୟକାର ଓ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରାଯାଇଛି।

## ସେମି ଫାଇନାଲର ଅମ୍ପାୟାରଙ୍କ ନାମ ଘୋଷଣା



ତାରୋବା: ଟି-୨୦ ବିଶ୍ୱକପ ୨୦୨୪ର ସୁପର ୮ ମ୍ୟାଚ୍ ସମାପ୍ତ ହୋଇଛି ଏବଂ ଏହା ସହିତ ସେମିଫାଇନାଲ ମ୍ୟାଚ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଯେଉଁଥିରେ ଭାରତ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଏବଂ ଆଫଗାନିସ୍ତାନ ଖେଳିବେ ଗୁରୁବାର ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିପାଇଁ ଆଇସିସି ଘୋଷଣା କରିଛି।

ଦକ୍ଷିଣ ଆଫ୍ରିକା ଏବଂ ଆଫଗାନିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ରିଚାର୍ଡ ଇଲିଙ୍ଗର୍ଥ ଏବଂ ନିତିନ ମେନନ ମାଇଡା ଅମ୍ପାୟାର ହେବେ ରିଚାର୍ଡ କେଟଲେବୋରୋ ଟିଭି ଅମ୍ପାୟାର ହୋଇଥିବାବେଳେ ଅହସନ ରଜା ଚତୁର୍ଥ ଅମ୍ପାୟର ହେବେ।

ଏହି ମ୍ୟାଚ୍‌ରେ ଆଫଗାନିସ୍ତାନ ଏହାର ପ୍ରଥମ ଟି-୨୦ ବିଶ୍ୱକପ ସେମିଫାଇନାଲ ଖେଳି ଇତିହାସ ସୃଷ୍ଟି କରିବ। ଦକ୍ଷିଣ ଆଫ୍ରିକା ପ୍ରଥମ ଥର ପାଇଁ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ ଫାଇନାଲରେ ପ୍ରବେଶ କରିବାକୁ ଚେଷ୍ଟା କରୁଛି।

୨୭ ଜୁନ୍‌ରେ ଖେଳାଯିବାକୁ ଥିବା ଭାରତ-ଇଂଲଣ୍ଡ ସେମିଫାଇନାଲରେ କ୍ରିସ୍ ଗେଫନି ଏବଂ ରାଡ଼ନି ଟକର ଅମ୍ପାୟର ହେବେ ଜୋଏଲ ୱିଲସନ ଟିଭି ଅମ୍ପାୟର ହେବେ। ୨୦୨୨ ମସିହାରେ ମଧ୍ୟ ସେ ଏହି ଭୂମିକା ତୁଲାଇଥିଲେ ପଲ୍ ରେଲି। ୨୭ ଜୁନ୍‌ରେ ଖେଳାଯିବାକୁ ଥିବା ଭାରତ ମ୍ୟାଚ୍‌ରେ ଚତୁର୍ଥ ଅମ୍ପାୟାର ଭାବରେ କାର୍ଯ୍ୟ କରିବେ।

## ନୂଆ ଇନିଂସ ଆରମ୍ଭ କଲେ କପିଲଦେବ



ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ଭାରତୀୟ କ୍ରିକେଟର କପିଲ ଦେବ ନୂଆ ଇନିଂସ ଆରମ୍ଭ କରିଛନ୍ତି। ୧୯୮୩ ମସିହାରେ ତାଙ୍କ ଅଧିନାୟକତ୍ୱରେ ଭାରତ ପାଇଁ ବିଶ୍ୱକପ ଆଣିଥିବା କପିଲ ଏବେ ନୂଆ। ପଦବୀରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ କ୍ରିକେଟ୍ ପରେ ସେ ଏବେ ଗଲ୍ଫ ଖେଳରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପ୍ରଫେସନାଲ୍ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆ (ପିଜିଟିଆଇ)ର ନୂତନ ଅଧ୍ୟକ୍ଷ ଭାବେ କପିଲ ଦେବ ଦାୟିତ୍ୱ ଗ୍ରହଣ କରିଛନ୍ତି ସେ ପୂର୍ବରୁ ପିଜିଟିଆଇ ସହିତ ଜଡିତ ଅଛନ୍ତି ଏବଂ ବର୍ତ୍ତମାନ ସେ ଏହି ପୋଷ୍ଟରୁ ଏକ ନୂତନ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି।

ଉପାଧ୍ୟକ୍ଷ ଭାବରେ ୬୫ ବର୍ଷିୟ କପିଲ ପୂର୍ବରୁ ପିଜିଟିଆଇ ବୋର୍ଡର ସଦସ୍ୟ ଥିଲେ। ଅଧ୍ୟକ୍ଷ ଭାବେ ସେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ସେ ଏଚଆର ଶ୍ରୀନିବାସନଙ୍କ ସ୍ଥାନ ନେବେ ଶ୍ରୀନିବାସନଙ୍କର କାର୍ଯ୍ୟକାଳ ଶେଷ ହୋଇଛି। କପିଲ ଜଣେ ଭଲ ଗଲ୍ଫର୍ ଭାବରେ ଜଣାଶୁଣା। କପିଲ ତାଙ୍କ ନୂତନ ପଦବୀ ବିଷୟରେ କହିଛନ୍ତି ଯେ ପିଜିଟିଆଇ ଅଧ୍ୟକ୍ଷ ହେବା ମୋ ପାଇଁ ଗୌରବର ବିଷୟ ମୁଁ ଗତ କିଛି ବର୍ଷ ଧରି ଏହି ସଂଗଠନ ସହିତ ଜଡିତ ଅଛି । ଏହା ଏକ ଖେଳାଳି ସଂଗଠନ ଏବଂ ମୁଁ ସମସ୍ତଙ୍କ ସହ ବହୁତ ଭଲ ବନ୍ଧୁ ହୋଇପାରିଛି। କପିଲ କହିଛନ୍ତି, ତିନି ଦଶନ୍ଧିରୁ ଅଧିକ ସମୟ ଧରି ଗଲ୍ଫ ପ୍ରତି ତାଙ୍କର ଆଗ୍ରହ ରହିଆସିଛି। ପୂର୍ବତନ କ୍ରିକେଟର କହିଛନ୍ତି ଏସିଆନ୍ ଗେମ୍ସରେ ସେ ଗଲ୍ଫର ଭାବେ ଭାରତର ପ୍ରତିନିଧି କରିବାର ସ୍ୱପ୍ନ ଦେଖିଥିଲେ। ସେ କହିଛନ୍ତି ବର୍ତ୍ତମାନ ଏହା ହେଉଛି ଏଭଳି ଏକ କ୍ରୀଡା ଯେଉଁଥିରେ ମୁଁ ମୋର ଅଧିକାଂଶ ସମୟ ବିତାଇଛି। ମୁଁ ଉପାଧ୍ୟକ୍ଷ ହୋଇସାରିଛି ଏବଂ ମୁଁ ବୋର୍ଡରେ ଅଛି, ତେଣୁ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାରୁ ମୁଁ ଗର୍ବିତ।ମୁଁ ପିଜିଟିଆଇରେ ମୋର ସର୍ବୋତ୍ତମ ପ୍ରଦର୍ଶନ ଦେବାକୁ ଚାହୁଁଛି।ପିଜିଟିଆଇ ପାଇଁ ନୂତନ ପ୍ରଯୋଜକ ଖୋଜିବାରେ କପିଲ ଆଗରେ ରହିଛନ୍ତି।

ସୂଚନାଯୋଗ୍ୟ, କପିଲ ଦେବ ୧୯୭୮ରୁ ୧୯୯୪ ପର୍ଯ୍ୟନ୍ତ ଭାରତ ପାଇଁ କ୍ରିକେଟ୍ ଖେଳିଥିଲେ। କପିଲ ୧୩୧ ଟେଷ୍ଟ ଏବଂ ୨୨୫ ଟି ଏକଦିବସୀୟ ମ୍ୟାଚ୍ ଖେଳିଥିଲେ। ତାଙ୍କ ନେତୃତ୍ୱରେ ୧୯୮୩ରେ ଭାରତ ବିଶ୍ୱକପ ଜିତିଥିଲା।୧୯୮୩ ବିଶ୍ୱକପରେ ତାଙ୍କର ୧୭୫ ରନର ଅପରାଜିତ ଇନିଂସ ଇତିହାସର ସର୍ବୋତ୍ତମ ଇନିଂସ ଭାବରେ ପରିଗଣିତ ହୋଇଛି। ଟେଷ୍ଟ କ୍ରିକେଟରେ ସେ ଆଠ ଶତକ ସହାୟତାରେ ୫୩୪୮ ରନ୍ ସଂଗ୍ରହ କରିବା ସହ ୪୩୪ ୱିକେଟ୍ ନେଇଥିଲେ, ଯାହା ସେତେବେଳେ ବିଶ୍ୱ ରେକର୍ଡ ଥିଲା। ସେ ଏକଦୀବସୀୟ ମ୍ୟାଚ୍‌ରେ ୩୭୮୩ ରନ୍ ସଂଗ୍ରହ କରିବା ସହ ଏହି ଫର୍ମାଟରେ ୨୫୩ ୱିକେଟ୍ ନେଇଥିଲେ।

## ହନୁମା ବିହାରୀଙ୍କ ୟୁ-ଟର୍ନ

ଅମରାବତି, ୨୬।୬: ଭାରତୀୟ ଅଲରାଉଣ୍ଡର ହନୁମା ବିହାରୀ ଏବେ ଆନ୍ଧ୍ରପ୍ରଦେଶ ପାଇଁ ଖେଳିବେ ୩ ବର୍ଷ ପୂର୍ବେ ସେ କେବେହେଲେ ଆନ୍ଧ୍ର ଲାଗି ଖେଳିବେ ନାହିଁ ବୋଲି ଘୋଷଣା କରିଥିଲେ। ହେଲେ ଏବେ ସେ ନୂଆ। ସରକାର ଗଠନ ପରେ ୟୁ-ଟର୍ନ ମାରିଥିବା କୁହାଯାଉଛି। ଚଳିତ ବର୍ଷ ମାର୍ଚ୍ଚରେ ଆନ୍ଧ୍ର କ୍ରିକେଟ ସଂଘ(ଏସିଏ) ବିହାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। କାରଣ ସେ ଅଭିଯୋଗ କରିଥିଲେ ଯେ ରାଜ୍ୟ ସଂଘ ତାଙ୍କୁ ବିବାଦୀୟ ଢ଼ଙ୍ଗରେ ଅଧିନାୟକ ପଦରୁ ହଟାଇ ଦେଇଥିଲେ। ଏହାପରେ ସେ ଆନ୍ଧ୍ର ପକ୍ଷରୁ ନ ଖେଳିବାକୁ ଘୋଷଣା କରିଥିଲେ। ଏପରିକି ମଧ୍ୟପ୍ରଦେଶ କ୍ରିକେଟ ସଂଘ(ଏମ୍‌ପିସିଏ) ତାଙ୍କ ସମ୍ପର୍କରେ ଥିଲା।ଚଳିତ ମାସରେ ଏସିଏ ତାଙ୍କୁ ଅନୁମତି ପ୍ରମାଣ ପତ୍ର ଜାରି କରିଥିଲା ।ହେଲେ ସେ ଏବେ ନିଜର ମନ ବଦଳାଇଛନ୍ତି।ହନୁମା ଟିଡିପି ଅଧିକାରୀଙ୍କ ସହ ସୋମବାର ଭେଟ କରିବା ପରେ ଆନ୍ଧ୍ର ଲାଗି ଖେଳିବା ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। ଆନ୍ଧ୍ର କ୍ରିକେଟ ସଂଘକୁ ଫେରିଲେ ମୋତେ ପୂର୍ଣ୍ଣ ସମର୍ଥନ ମିଳିବ ବୋଲି ତାଙ୍କୁ ମନ୍ତ୍ରୀ ଆଶ୍ୱାସନା ଦେଇଥିବା ସେ କହିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ